RNI No.ODIODI/2010/33031
୧୭ ବର୍ଷ Volume-17
ISSUE -215 ସଂଖ୍ୟା-୨୧୫
ଭୁବନେଶ୍ୱର, ଗୁରୁବାର ୧୨ ନଭେମ୍ବର ୨୦୨୬
Bhubaneswar, Thursday 12 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଗଞ୍ଜାମ ବନ୍ୟା ପାଇଁ ଦାୟୀ ଅତ୍ୟଧିକ ବୃଷ୍ଟି, ଡ୍ୟାମ୍ ପରିଚାଳନାରେ ନାହିଁ ତ୍ରୁଟି; ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର୧୧।୧୧(ନି.ପ୍ର.): ଗଞ୍ଜାମ ବନ୍ୟାକୁ ନେଇ ରାଜ୍ୟରେ ରାଜନୈତିକ ବୟାନବାଜି ଜୋର୍ ଧରିଥିବା ବେଳେ ମୁହଁ ଖୋଲିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ବନ୍ୟା ପାଇଁ ସରକାରଙ୍କ ପରିଚାଳନାରେ କୌଣସି ତ୍ରୁଟି ନଥିବା ସେ ସ୍ପଷ୍ଟ କରିଛନ୍ତି। ଅତ୍ୟଧିକ ଓ ଅସ୍ୱାଭାବିକ ବର୍ଷା ଯୋଗୁଁ ଗଞ୍ଜାମରେ ବନ୍ୟା ସ୍ଥିତି ଉପୁଜିଥିବା ସେ କହିଛନ୍ତି।ବୁଧବାର ଲୋକସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ସ୍ଥିତି ନେଇ ସରକାରଙ୍କ ପକ୍ଷ ରଖିଥିଲେ ମୁଖ୍ୟ ଶାସନ ସଚିବ। ଗଞ୍ଜାମ ବନ୍ୟାକୁ ନେଇ ବିରୋଧୀଙ୍କ ଅଭିଯୋଗ ମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଏହି ସ୍ୱୀକାରୋକ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ଅନୁ ଗର୍ଗ କହିଛନ୍ତି, ଗଞ୍ଜାମରେ କ୍ରମାଗତ ୩ ଦିନ ଧରି ଅତି ପ୍ରବଳ ବର୍ଷା ହୋଇଥିଲା। ପାତ୍ରପୁର ବ୍ଲକ୍ ?ରେ ଗୋଟିଏ ଦିନରେ ୫୪୬ ମିମି ବର୍ଷା ରେକର୍ଡ ହୋଇଛି। ଯାହା ୨୦୧୩ରେ ଫାଇଲିନ୍ ବାତ୍ୟା ସମୟର ବର୍ଷା ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି।

ପୂର୍ବ ଦିନ ୮୯ ମିମି ଓ ପରଦିନ ୧୭୩ ମିମି ବର୍ଷା ହୋଇଥିଲା। ଏହିପରି ଲଗାତାର ୩ ଦିନର ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିଲା। ୧୯୯୦ ଓ ୨୦୧୩ ତୁଳନାରେ ମଧ୍ୟ ଏଥର ଅଧିକ ବର୍ଷା ହୋଇଥିବା ସେ କହିଛନ୍ତି।

ଡ୍ୟାମ୍ ?ରୁ ଅଧିକ ପାଣି ଛଡ଼ାଯିବା ନେଇ ଉଠିଥିବା ଅଭିଯୋଗର ଜବାବ ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି, ଋଷିକୁଲ୍ୟା ଓ ବାହୁଦା ନଦୀର ଜଳଗ୍ରହଣ ଅଞ୍ଚଳରୁ ଆସୁଥିବା ମୋଟ ପାଣିର ମାତ୍ର ୧୦ ପ୍ରତିଶତ ଡ୍ୟାମ୍ ?କୁ ଆସିଥାଏ। ବାକି ୯୦ ପ୍ରତିଶତ ପାଣି ସିଧାସଳଖ ନଦୀକୁ ପ୍ରବାହିତ ହୁଏ।

ଡ୍ୟାମ୍ ?ରୁ ପାଣି ଛାଡ଼ିବା ପୂର୍ବରୁ ଇଞ୍ଜିନିୟରମାନେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିୟମ ଅନୁସାରେ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଇ ପାଣି ଛଡ଼ାଯାଇଥିଲା। ଡ୍ୟାମ୍ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି।ବନ୍ୟାରେ କୌଣସି ଜୀବନହାନି ହୋଇନଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ଓ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ପ୍ରାୟ ସ୍ୱାଭାବିକ ହୋଇଛି। ଲୋକଙ୍କୁ ଆବଶ୍ୟକୀୟ ସହାୟତା ଓ ରିଲିଫ୍ ଯୋଗାଇ ଦିଆଯାଉଛି।



ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ: ଡୋଡୋରି ପ୍ରିଫେକ୍ଚର୍ ସହ ଐତିହାସିକ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ

ବିଶ୍ୱର ୫୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟ ଭାରତରେ

ନୂଆଦିଲ୍ଲୀ୧୧।୧୧(ନି.ପ୍ର.):: ଦୀପାବଳି ପରେ ଦେଶରେ ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇପଡ଼ିଛି। ବିଶ୍ୱର ୫୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ଭାରତରେ ଥିବା ରିପୋର୍ଟ ସମସ୍ତଙ୍କୁ ଚକିତ କରିଛି। ଏହି ତାଲିକାରେ ୮୨୧ ଏକ୍ୟୁଆଇ ସହ ରାଜସ୍ଥାନର ଶ୍ରୀଗଙ୍ଗାନଗର ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ପାଲଟିଛି।ଏକ୍ୟୁଆଇ.ଇନ୍ ତଥ୍ୟ ଅନୁଯାୟୀ, ମଙ୍ଗଳବାର ସକାଳ ୯ଟା ୫୪ ମିନିଟରେ ଶ୍ରୀଗଙ୍ଗାନଗରର ବାୟୁ ଗୁଣବତ୍ତା ସୂଚକାଙ୍କ ୮୨୧ ରେକର୍ଡ ହୋଇଥିଲା। ବିଶ୍ୱର ୫୦ଟି ପ୍ରଦୂଷିତ ସହର ମଧ୍ୟରେ ଭାରତର ୪୯ଟି ସହର ରହିଥିବା ବେଳେ ଭାରତ ବାହାରର ଏକମାତ୍ର ସହର ଭାବେ ପାକିସ୍ତାନର ଲାହୋର ୧୪ତମ ସ୍ଥାନରେ ରହିଛି। ଏଠାରେ ଏକ୍ୟୁଆଇ ୪୩୦ ରେକର୍ଡ କରାଯାଇଛି।ଦିଲ୍ଲୀର ଚାନ୍ଦିନୀ ଚୌକରେ ମଙ୍ଗଳବାର ସକାଳ ୬ଟାରେ ଇଣ୍ଡେ ୪୦୦ ଅତିକ୍ରମ କରିଥିଲା। ରାଜଧାନୀର ଅନ୍ୟ ଅଞ୍ଚଳରେ ମଧ୍ୟ ଇଣ୍ଡେ ୩୦୦ ଉପରେ ରହିଛି। ମଧ୍ୟପ୍ରଦେଶର ଭୋପାଳ, ଉଜ୍ଜୟିନୀ ଏବଂ ହରିୟାଣାର ବହାଦୁରଗଡ଼ରେ ମଧ୍ୟ ପ୍ରଦୂଷଣ ସ୍ତର ୪୦୦ ଟପିଛି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ନୋଏଡାରେ ଇଣ୍ଡେ ୩୩୨ ଏବଂ ଗାଜିଆବାଦରେ ୩୨୪ ରେକର୍ଡ ହୋଇଛି।ମଧ୍ୟପ୍ରଦେଶରେ ରାତିର ତାପମାତ୍ରା ୧୧ ଡିଗ୍ରୀ ଏବଂ ଉତ୍ତରପ୍ରଦେଶରେ ୧୫ ଡିଗ୍ରୀ ସେଲସିୟସକୁ ଖସିଛି। ତେବେ ତାମିଲନାଡୁର କିଛି ଅଞ୍ଚଳରେ ଲଗାତାର ବର୍ଷା ଜାରି ରହିଛି। ଉତ୍ତରାଖଣ୍ଡର ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ପିଥୋରାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ରହିଛି।

କୁଲଗାମରେ ଆତଙ୍କବାଦୀ ଆକ୍ରମଣ

ଶ୍ରୀନଗର୧୧।୧୧(ନି.ପ୍ର.): ଜମ୍ମୁ କାଶ୍ମୀରର କୁଲଗାମ ଜିଲ୍ଲାରେ ବୁଧବାର ଅପରାହ୍ନ ସମୟରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଛି । କୁଲଗାମରେ କାର୍ଯ୍ୟରତ ସିଆରପିଏଫ୍ ଯବାନଙ୍କ ଉପରକୁ ବାଇକ୍ ଆରୋହୀ ଅଜ୍ଞାତ ବ୍ୟକ୍ତି ଗୁଳି ଚାଳନା କରିଛନ୍ତି । ଫଳରେ ତିନି ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି । ତିନି ଜଣଙ୍କୁ ଅନନ୍ତନାଗ ସରକାରୀ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା କୁହାଯାଉଛି ।

ସିଆରପିଏଫର ସୂଚନା ମୁତାବକ, ବୁଧବାର ଅପରାହ୍ନ ୨ଟା ୧୫ ମିନିଟ୍ ସମୟରେ କୁଲଗାମ ଜିଲ୍ଲାର ଜ । ତ 1 ୟ ରାଜପଥଠାରୁ ୪ କି.ଲୋ.ମି.ଟର ଦୂରରେ ଥିବା ଅ । ଖ ର ନ ନେ। ପୁ ର। ଅଞ୍ଚଳରେ ବାଇକ ଆରୋହୀ ହଠାତ୍ ଆସି ସୁରକ୍ଷାବଳକୁ ଟାର୍ଗେଟ୍ କରି ଗୁଳି ଚଳାଇଥିଲେ । ସୁରକ୍ଷାବାହିନୀ ମଧ୍ୟ ଜବାବରେ ଗୁଳି ଚଳାଇଥିଲେ । କିନ୍ତୁ ୩ ଜଣ ଯବାନ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗୁରୁତର ଯବାନ ଆସାମର ରାକେଶ ଦାସ, ପଶ୍ଚିମବଙ୍ଗର ସନ୍ତୋଷ ଚନ୍ଦ୍ର ଏବଂ ମଧ୍ୟ ପ୍ରଦେଶର ସୋମବୀର ସିଂ ବୋଲି ପରିଚୟ ସ୍ପଷ୍ଟ ହୋଇଛି । ରାକେଶ ଦାସଙ୍କ ଗୋଡ଼ରେ ଗୁଳି ବାଜିଛି । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ସନ୍ତୋଷ ଚନ୍ଦ୍ରଙ୍କ ପେଟ ଏବଂ ମେରୁଦଣ୍ଡରେ ଗୁଳି ବାଜିଛି । ତାଙ୍କ ଅବସ୍ଥା ଅତ୍ୟନ୍ତ ଗମ୍ଭୀର ରହିଛି । ସନ୍ତୋଷଙ୍କର ଜରୁରୀ ଅସ୍ତ୍ର ?ଚାର କରାଯିବ ବୋଲି ସୂଚନା ଦିଆଯାଇଛି । ସେହିପରି ସୋମବୀର ସିଂହଙ୍କ ବାମ ହାତରେ ଗୁଳି ବାଜିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ସ୍ଥିର ରହିଛି । ଆତଙ୍କୀ ହମଲା ପରେ ଘଟଣା ସ୍ଥଳରେ କ୍ୱିକ୍ ରିଆକ୍ସନ୍ ଟିମ୍ ପହଁଚିଛି । ସମଗ୍ର ଅଞ୍ଚଳର ନାକାବନ୍ଦୀ କରି ଆତଙ୍କବାଦୀଙ୍କୁ ଧରିବାକୁ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ, ଜମ୍ମୁ କାଶ୍ମୀର ପୋଲିସ ଲସ୍କର-ଏ-ତୋୟବାର ୪ ଜଣ ସଦସ୍ୟଙ୍କ ପୋଷ୍ଟର ଜାରି କରିଛି ।



ବଙ୍ଗୋପସାଗରରେ ପୁଣି ଲଘୁଚାପ ସମ୍ଭାବନା

୧୭ରୁ ୨୦ ଯାଏଁ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର୧୧।୧୧(ନି.ପ୍ର.): ଓଡ଼ିଶାର ପାଣିପାଗ ନେଇ ବଡ଼ ଖବର। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ନଭେମ୍ବର ୧୩ ତାରିଖ ବେଳକୁ ପୁଣି ଏକ ଲଘୁଚାପସୃଷ୍ଟି ହୋଇପାରେ। ୧୪ ତାରିଖରେ ଏହା ସ୍ପଷ୍ଟ ଚିହ୍ନିତ ହେବା ସମ୍ଭାବନା ରହିଛି। ପରେ ଏହା ଅବପାତର ରୂପ ନେଇପାରେ। ଲଘୁଚାପର ପ୍ରଭାବରେ ଓଡ଼ିଶାରେ ୪ ଦିନ ବର୍ଷା ହେବାର ସମ୍ଭାବନା ରହିଛି। ନଭେମ୍ବର ୧୭ରୁ ୨୦ ତାରିଖ ଯାଏଁ ଓଡ଼ିଶାରେ ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି ।ଚଳିତ ବର୍ଷ ରାଜ୍ୟରେ ବନ୍ୟା ସହ କିଛି ମାତ୍ରାରେ ବାତ୍ୟାର ପ୍ରଭାବ ପଡ଼ିଛି । ଯାହା ଫଳରେ ଚାଷ ଆରମ୍ଭ ହେବା ଠାରୁ ଆରମ୍ଭ କରି ଏବେ ଚାଷ ଅମଳ ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି । ଚାଷ ଆରମ୍ଭରୁ ବନ୍ୟା ସ୍ଥିତି ଦେଖାଦେବାରୁ ରାଜ୍ୟର ଅଧିକାଂଶ ଚାଷୀ ଠିକରେ ଚାଷ କାର୍ଯ୍ୟ କରିପାରିନଥିଲେ। ଏବେ ଅମଳ ସମୟ ଥିବାରୁ ଯଦି ଲଘୁଚାପଜନିତ ବର୍ଷା ହୁଏ ତେବେ ପାଚିଲା କ୍ଷେତ ନଷ୍ଟ ହେବାର ସମ୍ଭାବନା ରହିଛି ।

ମଦର ଡେରି କ୍ଷୀର ୪ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା

ଭୁବନେଶ୍ୱର୧୧।୧୧(ନି.ପ୍ର.): ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦନ ଓ ବିକ୍ରି କମ୍ପାନି ମଦର ଡେରି କ୍ଷୀର ଦର ବୃଦ୍ଧି କରିଛି। କମ୍ପାନି କ୍ଷୀର ଲିଟର ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ନୂଆ ଦର ଆସନ୍ତାକାଲିଠାରୁ ଲାଗୁ ହେବ। କ୍ଷୀର ସଂଗ୍ରହ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ କମ୍ପାନି ଦର ବଢ଼ାଇଥିଛି। କମ୍ପାନି ନିଜର କ୍ଷୀର ବିକ୍ରିରୁ ମିଳୁଥିବା ଅର୍ଥର ପ୍ରାୟ ୭୫ରୁ ୮୦% ଚାଷୀଙ୍କୁ ପ୍ରଦାନ କରିଥାଏ।ନୂଆ ଦର ଅନୁଯାୟୀ, ଫୁଲ୍ କ୍ରିମ୍ କ୍ଷୀର ଲିଟର ପିଛା ୭୨ ଟଙ୍କାରୁ ବଢ଼ି ୭୬ ଟଙ୍କା ହୋଇଛି। ପ୍ୟାକେଟ୍ ଟୋନ୍ଡ କ୍ଷୀର ଦର ୬୦ ଟଙ୍କାରୁ ବଢ଼ି ୬୨ ଟଙ୍କା ହୋଇଛି। ସେହିପରି ବଲ୍କ ଟୋନ୍ଡ କ୍ଷୀର ଲିଟର ପିଛା ୫୮ ଟଙ୍କାରୁ ୬୦ ଟଙ୍କା ହୋଇଛି। ଡବଲ୍ ଟୋନ୍ଡ କ୍ଷୀର ଦର ୫୪ ଟଙ୍କାରୁ ବଢ଼ି ୫୬ ଟଙ୍କା ହୋଇଥିବାବେଳେ ଗାଈ କ୍ଷୀର ଦର ୬୨ ଟଙ୍କାରୁ ବଢ଼ି ୬୫ ଟଙ୍କା ହୋଇଛି। ଏହି ଦରବୃଦ୍ଧି ଦିଲ୍ଲୀ-ଏନ୍‌ସିଆର୍ ବଜାର ପାଇଁ ଲାଗୁ କରାଯାଇଛି। ଦେଶବ୍ୟାପୀ କମ୍ପାନିର ଦୈନିକ କ୍ଷୀର ବିକ୍ରି ୫୦ ଲକ୍ଷ ଲିଟରରୁ ଅଧିକ ରହିଛି। ଗତ ମେ'' ୧୪ରେ କମ୍ପାନି ଶେଷଥର ପାଇଁ କ୍ଷୀର ଦର ବଢ଼ାଇଥିଲା।

କଲରାପତରିଆ ବାଘ ଆତଙ୍କ

ନୂଆପଡ଼ା୧୧।୧୧(ନି.ପ୍ର.): ନୂଆପଡ଼ା ଜିଲ୍ଲା ରେଢ଼ା କେନ୍ଦୁବାହାରା ପଞ୍ଚାୟତର ଭଇଁଷାଦାଦର ଗାଁରେ କଲରାପତରିଆ ବାଘଆତଙ୍କ ଦେଖାଦେଇଛି। ଗତକାଲି ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗାଁରେ ପଶି ଜଣଙ୍କ ଘର ଅଗଣାରୁ ଏକ ପୋଷା କୁକୁରକୁ ଶିକାର କରିଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଭଇଁଷାଦାଦର ଗାଁର ଚମନଲାଲ ମିଦ୍ଧାଙ୍କ ପରିବାର ରାତ୍ରିଭୋଜନ ସାରି ଘରେ ଶୋଇଥିଲେ। ଘର ଅଗଣାରେ ଦୁଇଟି ପୋଷା କୁକୁର ଶୋଇଥିଲେ। ଏହି ସମୟରେ ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗାଁରେ ପ୍ରବେଶ କରି ଚମନଲାଲଙ୍କ ଘର ଅଗଣାକୁ ପଶି ଆସିଥିଲା। ସେଠାରେ ଗୋଟିଏ ପୋଷା କୁକୁରକୁ ଆକ୍ରମଣ କରି ଘର ନିକଟରୁ ଚାଷଜମି ଆଡ଼କୁ ଟେକି ନେଇଥିଲା। କୁକୁରର ଚିତ୍କାର ଶୁଣି ପରିବାର ଲୋକେ ଘରୁ ବାହାରି ଆସି ବାଘକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ବାଘଟି ହଦାମୂଳରେ କୁକୁରକୁ ମାରି ଖାଇବା ପରେ ଜଙ୍ଗଲକୁ ଚାଲିଯାଇଥିଲା। ଆଜି ସକାଳେ ପରିବାର ଲୋକେ ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ। ପୂର୍ବାହ୍ନରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୁକୁରର ମୃତଦେହ ଜବତ କରିବା ସହ ବାଘର ପାଦଚିହ୍ନ ଠାବ କରିଥିଲେ।

ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫–୨୬

ଭୁବନେଶ୍ୱର, ପୁରୀ ଓ ଆସ୍କା ପୁରସ୍କୃତ



ଭୁବନେଶ୍ୱର୧୧।୧୧(ନି.ପ୍ର.): ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫–୨୬ରେ ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି ମିଳିଛି। ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବର୍ଗର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଆଜି (ବୁଧବାର) ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଜ୍ୟ ପକ୍ଷରୁ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ଏହି ପୁରସ୍କାର ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱଚ୍ଛ ଭାରତ ମିସନ୍ (ସହରାଞ୍ଚଳ)ର ମିସନ ନିର୍ଦ୍ଦେଶକ ବିନୟ କୁମାର ଦାଶ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମହାନଗର ନିଗମର କମିଶନର, ପୁରୀ ମହାନଗର ନିଗମର ପ୍ରତିନିଧି ଏବଂ ଆସିକା ପୌରପାଳିକାର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରତିନିଧି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ।

ସ୍ୱଚ୍ଛ ଭାରତ ମିସନ୍–ସହରାଞ୍ଚଳ ଅଧୀନରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫–୨୬ ହେଉଛି ଏହାର ଦଶମ ସଂସ୍କରଣ। ଏହା ବିଶ୍ୱର ସର୍ବବୃହତ୍ ସହରାଞ୍ଚଳ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାୟନ କାର୍ଯ୍ୟକ୍ରମ ଭାବେ ପରିଚିତ। ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଚ୍ଛତା କି ନୟା ପହେଲ୍ – ବଢ଼ାଏଁ ହାଥ, କରେଁ ସଫାଇ ସାଥ୍' ମାଧ୍ୟମରେ ନାଗରିକଙ୍କ ସହଭାଗିତା, ଅନୁଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ସହରଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଜରିଆରେ ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ଗତ ଏକ ଦଶନ୍ଧି ଧରି ଆସିଥିବା ପରିବର୍ତ୍ତନକୁ ଉତ୍ସବ ଭାବେ ପାଳନ କରାଯାଇଛି। ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜାତୀୟ ସ୍ତରରେ ଗଞ୍ଜାମ ଜିଲ୍ଲାର ଗୌରବ ବୃଦ୍ଧି କରିଛି ଆସିକା ପୌରପରିଷଦ। ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ଷୁଦ୍ର ସହର ବର୍ଗରେ ଆସିକା ପୌରପରିଷଦ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ପାଇଁ ପୌରପରିଷଦକୁ 'ସ୍ୱଚ୍ଛ ସହର ରାଙ୍କ୍-୨' ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ବୁଧବାର ଆୟୋଜିତ ଜାତୀୟସ୍ତରୀୟ ପୁରସ୍କାର ବିତରଣ ସମାରୋହରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱଚ୍ଛ ଭାରତ ମିସନ (ସହରାଞ୍ଚଳ)ର ମିସନ ନିର୍ଦ୍ଦେଶକ ବିନୟ କୁମାର ଦାଶ, ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଜେନା, ଆସିକା ପୌରପରିଷଦର ଅଧ୍ୟକ୍ଷା ବିନିତା ସ୍ୱାଇଁ ଏବଂ ଆସିକା ପୌରପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚାମାଲା ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ।

ବାତ୍ୟା ଅର୍ଣ୍ଣବ: ଗଞ୍ଜାମ-ଗଜପତି-କନ୍ଧମାଳ ପାଇଁ ଘୋଷଣା ହେଲା ରିଲିଫ

ଭୁବନେଶ୍ୱର, ୧୧।୧୧: ବାତ୍ୟା ଅର୍ଣ୍ଣବ ପ୍ରଭାବରେ କ୍ଷତିଗ୍ରସ୍ତ ପରିବାର ପାଇଁ ରିଲିଫ ଘୋଷଣା କରାଯାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବରୁ ସହାୟତା ଘୋଷଣା କରିଥିବା ବେଳେ ଆଜି ରିଲିଫ ଘୋଷଣା କରାଯାଇଛି । ଏନେଇ ଝଜଉଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାର ସବୁ ବ୍ଲକ୍ ?ରେ ରିଲିଫ ମିଳିବା ନେଇ କୁହାଯାଇଛି । ଜାରି ହୋଇଥିବା ନିର୍ଦ୍ଦେଶାନାମା ଅନୁସାରେ, ସବୁ ପ୍ରଭାବିତ ପରିବାରକୁ ୫୦ କେଜି ଚାଉଳ, ୨ ହଜାର ୫ ଶହ ଟଙ୍କା ମିଳିବ । ଚାଉଳ ବଣ୍ଟନ ପାଇଁ ଜିଲା ନାଗରିକ ଯୋଗାଣ ଅଧିକାରୀ ଏବଂ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ସହ ସମନ୍ୱୟ ରଖିବେ ଜିଲା ପ୍ରଶାସନ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିବା ପ୍ୟାକେଜ୍ ? ସହ ଏହି ରିଲିଫ୍ ? ପ୍ରଦାନ କରାଯିବ । ଏହି ୩ ଜିଲାର ସବୁ ପ୍ରଭାବିତ ପରିବାରକୁ ଚିହ୍ନଟ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡିବିଟି ଜରିଆରେ ୨ ହଜାର ୫ ଶହ ଟଙ୍କା ଲେଖାଏ ମିଳିବ । ସେହିପରି ପ୍ରତିଦିନ ସନ୍ଧ୍ୟା ୫ଟା ସୁଦ୍ଧା ଚାଉଳ ଓ ଟଙ୍କା ବଣ୍ଟନ ରିପୋର୍ଟ ପଠାଇବାକୁ ଏସଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ବଜେଟ୍ ବ୍ୟୟ ୩୪ ପ୍ରତିଶତ

ଭୁବନେଶ୍ୱର୧୧।୧୧(ନି.ପ୍ର.): : ଚଳିତ ଆର୍ଥିକ ବର୍ଷର ସାତମାସରେ ଗୃହ ନିର୍ମାଣ ଓ ନଗର ଉ

ଆଞ୍ଚଳିକ ମନୁନ

ଗୁରୁବାର,୧୨ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday,12 November 2026, Bhubaneswar



ଜିଲ୍ଲାପରିଷଦ ଜୋନସ୍ତରୀୟ ବିଜୁ ଜନତା ଦଳର ବୈଠକ

ପିପିଲି,୧୧।୧୧ :(ମନୁନ) ପିପିଲି ବ୍ଲକର ୨୩ ନମ୍ବର ଜିଲ୍ଲାପରିଷଦ ଜୋନ ସ୍ତରୀୟ ବିଜୁ ଜନତା ଦଳର ବୈଠକ ହୁଙ୍କେଇପୁରସ୍ଥିତ ଫାର୍ମ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପିପିଲି ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ ଏଥିରେ ସଭାପତିତ୍ୱ କରି ସଭାପରିଚାଳନା କରିଥିଲେ । ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଧର୍ମପତ୍ନୀ ପ୍ରାକ୍ତନ ଅଧ୍ୟାପିକା ପ୍ରତିଭା ମହାରଥୀ ଯୋଗଦେଇ ସ୍ୱର୍ଗତ ମହାରଥୀଙ୍କ ଏହି ନିର୍ବାଚନ ମଣ୍ଡଳୀ ପ୍ରତିଥିବା ଅତୁଳନୀୟ ଅବଦାନ ପାଇଁ ସେ ୭ଥର ବିଧାୟକ ହୋଇଛନ୍ତି । ରାଜ୍ୟରେ ମଧ୍ୟ ଲୋକପ୍ରିୟ ସଫଳ ମନ୍ତ୍ରୀ ଭାବେ ପୁର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳର ସରକାରରେ କାର୍ଯ୍ୟ ତୁଲାଇଛନ୍ତି ।ତାଙ୍କ ଆର୍ବତମାନରେ ମୋର ସୁପୁତ୍ର ରୁଦ୍ରପ୍ରତାପ ମହାରଥୀ ବିଧାୟକ ହୋଇଥିଲେ । ରାଜ୍ୟରେ ବିଜେପି ସରକାରଙ୍କୁ ଲୋକମାନେ ଭୋଟ ଦେଇ ଜିତାଇଛନ୍ତି ସତ ହେଲେ ସେ ଦେଇଥିବା ପ୍ରତଶୃତି ଏବେ ପାଣିର ଗାର ହୋଇଛି । ସାଧାରଣ ଜନତା ଏବେ ପାଣ୍ଟାତାପ କରୁଛି



। ସମସ୍ତେ ଏକାଠୀ ହୋଇ ସଂଗଠିତ ଭାବେ ଲଢିଲେ ସ୍ୱର୍ଗତ ମହାରଥୀଙ୍କ ଗଡକୁ ପୁଣି ଫେରି ପାଇବା ସହ ରୁଦ୍ରପ୍ରତାପ ମହାରଥୀଙ୍କ ସଗଠନ ମଜଭୁତ ହେବ ବୋଲି କହିଥିଲେ ।ସେହିପରୀ ରୁଦ୍ରପ୍ରତାପ ମହାରଥୀ ସଂଗଠନକୁ ପ୍ରତି ଗାଁରେ ମଜଭୁତ କରିବା ପାଇଁ ଅହ୍ୱାନ ଦେଇଛନ୍ତି । ଏବଂ ପଂଚାୟତର ମୁରବୀମାନେ ପ୍ରତି ଗାଁରେ ଥିବା ଆଗ ଧାଡିର କର୍ମିଙ୍କ ମତାନ୍ତର ଓ ମନାନ୍ତରକୁ ଭୁଲି ସାଥିରେ ନେଇ ଏକାଠୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା,ଜିଲ୍ଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମଲ୍ଲିକ,ଧରଣୀଧର ସାହୁ,ପୁର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧୀଷ୍ଠିର ସ୍ୱାଇଁ, ବରିଷ୍ଠ ବିଜେଡି ସୁକାନ୍ତ ପଣ୍ଡା,ପୁର୍ବତନ ସରପଂଚ ପର୍ଶୁରାମ ମହାପାତ୍ର, ସଦାଶିବ ଦାଶ, ପୁରୀ ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ନନ୍ଦ, ଆର୍ତବନ୍ଧୁ ସାମନ୍ତରାୟ, ମନୋଜ ଦାଶ,ବିଶ୍ୱଜିତ ଦାଶ, ମହିଳା ସଭାନେତ୍ରୀ ଜୋସ୍ନାରାଣୀ ପୃଷ୍ଟି ,ଅନ୍ନପୁର୍ଣା ବେହେରା, ଦାଣ୍ଡମୁକୁନ୍ଦପୁର ପଂଚାୟତ ବିଜେଡି ସଭାପତି ହଜାରୀ ମହାନ୍ତି, ଯୁବନେତା ଚିନ୍ମୟ ମହାପାତ୍ର, ସରପଂଚ ଲକ୍ଷ୍ମିଧର ନାୟକ,ପ୍ରଦୀପ୍ତ ମହାପାତ୍ର,ପୁର୍ବତନ ସରପଂଚ ପ୍ରହଲାଦ ରାଉତ ପ୍ରମୁଖ ବିଜୁ ଜନତା ଦଳର ସଂଗଠନକୁ ତୃଣମୁଳ ସ୍ତରରେ ମଜଭୁତ କରିବା ପାଇଁ ଉପସ୍ଥିତ ଥିବା କର୍ମିମାନଙ୍କୁ କହିଥିଲେ ।

ସିଡିଏମପିଏଚଓଙ୍କ ଦ୍ୱାରା ପ୍ରମୁଖ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ପରିଦର୍ଶନ

ବ୍ରହ୍ମପୁର,୧୧।୧୧ :(ମନୁନ) ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ (ଏନୟୁଏଚଏମ), ବ୍ରହ୍ମପୁର ଅଧୀନରେ ଥିବା ପ୍ରମୁଖ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରି ସେବା ପ୍ରଦାନ, ଗୁଣାତ୍ମକ ମାନ ଏବଂ ଜରୁରୀ ଜନସ୍ୱାସ୍ଥ୍ୟ ସେବାର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମପିଏଚଓ), ଗଞ୍ଜାମ ଡା. ଉମାକାନ୍ତ ସାହୁ । ଆଜି ସକାଳ ୧୦ଟାରେ ଏହି ପରିଦର୍ଶନ ଅବସରରେ ଡା. ସାହୁ ପ୍ରଥମେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ରେଡ୍ କ୍ରସ ପରିଦର୍ଶନ କରିଥିଲେ। ସେ ସମସ୍ତ ସେବା ପ୍ରଦାନ କକ୍ଷ ବୁଲି ଦେଖିବା ସହ କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ଯାଞ୍ଚ କରିଥିଲେ ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସେବାର ଦକ୍ଷ ପ୍ରଦାନ, ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିବା ଏବଂ ଯୁପିଏଚସି ଟିମ୍ ର ପ୍ରତିବଦ୍ଧତା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ସେ ୱାର୍ଡ ନଂ ୨୧, ମିଲିଟାରୀ ଲାଇନ୍ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଥିବା ନିୟମିତ ଟିକାକରଣ ଅଧିବେଶନ ପରିଦର୍ଶନ କରିଥିଲେ। ସେ ଟିକା ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ଉପଲବ୍ଧତା ଯାଞ୍ଚ କରିବା ସହ ଅଧିବେଶନ ରେକର୍ଡ ଓ ରିପୋର୍ଟ ଯାଞ୍ଚ କରିଥିଲେ ଏବଂ ଗର୍ଭବତୀ ମହିଳା ଓ



ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେବା ପ୍ରଦାନକୁ ପ୍ରଶଂସା କରିବା ସହ ସକ୍ରିୟ ସମୁଦାୟ ସଂଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏଏନଏମ୍, ଆଶା ଓ ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ଘରକୁ ଘର ପରିଦର୍ଶନ ଜୋରଦାର କରିବା, ନୂତନ ଭାବେ ପଞ୍ଜୀକୃତ ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରିବା, ଯୋଗ୍ୟ ଶିଶୁ ମାନଙ୍କୁ ଟ୍ରାକ୍ କରିବା ଏବଂ କୌଣସି ହିତାଧିକାରୀ ଯେପରି ଜରୁରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆସ୍କା ରୋଡ୍ ରିଦର୍ଶନ କରି ଅଂଶକାଳୀନ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଦୈନିକ ହାରାହାରି ୧୨୦-୧୩୦ ଓପିଡି ରୋଗୀ ଆସୁଥିବା ଜାଣି ସେ ଖୁସି ବ୍ୟକ୍ତ କରିଥିଲେ, ଯାହା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରତି ଲୋକଙ୍କ ବଢୁଥିବା ଆସ୍ଥାକୁ ପ୍ରତିଫଳିତ କରୁଛି। ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ସମସ୍ତ ୧୫ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଯଥା ୮ଟି ୟୁପିଏଚସି ଏବଂ ୭ଟି ୟୁଏଏଏମ୍ ରେ ଦୈନିକ ଓପିଡି ଉପସ୍ଥାନ ଆଇପିଏଚଏସ ମାନଦଣ୍ଡ ୟୁପିଏଚସି ପାଇଁ ୧୦୦ ଜଣ ଏବଂ ୟୁଏଏଏମ୍ ପାଇଁ ୬୦ ଜଣ ଠାରୁ ଅଧିକ ରହୁଥିବା ଜାଣି ସେ ବିଶେଷ ସନ୍ତୋଷ ପ୍ରକାଶ କରିଥିଲେ। ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ (ଏନକ୍ୟୁଏଏସ) ପ୍ରମାଣୀକରଣ ବଜାୟ ରଖିବାରେ ସିଟି ଏନୟୁଏଚଏମ ଟିମ୍ ଏବଂ ୟୁପିଏଚସି ଟିମ୍ ମାନଙ୍କ ନିରନ୍ତର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ବ୍ରହ୍ମପୁରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ମଜବୁତ୍ କରିବାରେ ନିରନ୍ତର ତଦାରଖ, ଟିମ୍ ୱାର୍କ, ସମୁଦାୟ ସଂଯୋଗ ଏବଂ ଗୁଣବତ୍ତା ଉନ୍ନତିର ଗୁରୁତ୍ୱକୁ ପୁଣି ଥରେ ପ୍ରତିପାଦିତ କରିଥିବା ବେଳେ, ଏହି ପରିଦର୍ଶନ ସମୟରେ ସିଟି ପ୍ରୋଗ୍ରାମ ମ୍ୟାନେଜର, ସହରାଞ୍ଚଳ ସ୍ୱାସ୍ଥ୍ୟ ଶ୍ରୀ ଲମ୍ବୋଦର ଦିଗାଲ, ବରିଷ୍ଠ କିରାଣୀ ଶ୍ରୀ ପ୍ରଦୀପ କୁ. ସେନାପତି ଏବଂ ସିଟି ଡାଟା ମ୍ୟାନେଜର ଶ୍ରୀ ଦେବାଶିଷ ସାମଲ ଉପସ୍ଥିତ ଥିଲେ।

ପାଟଣେଶ୍ୱରୀ ମନ୍ଦିର ପାରଂପାରିକ ରୀତିନୀତିରେ ସମ୍ପୁର୍ଣ୍ଣ ହେଲା କାଳିପୂଜା

ବଲାଙ୍ଗିର,୧୧।୧୧ :(ମନୁନ)ବଲାଙ୍ଗିର ସହରର ପାଟଣେଶ୍ୱରୀ ମନ୍ଦିର ପୀଠରେ ଦକ୍ଷିଣେଶ୍ୱରୀ ନିଶାର୍ଦ୍ଧ ପୂଜା ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ମନ୍ଦିର ପରିସରରେ ପାରଂପାରିକ ରୀତିନୀତି ଅନୁଯାୟୀ ରବିବାର ଦିନ ମାଁ କାଳିପୂଜା ଙ୍କ ପୂଜା ହୋଇଯାଇଛି । କାର୍ତ୍ତିକ ଅମାବାସ୍ୟା ଦିପାବଳି ଦିନ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀ ସ୍ୱୟଂ ଦକ୍ଷିଣେଶ୍ୱରୀ କାଳି ରୂପେ ପାଟଣା ରାଜ୍ୟ ନୂତନ ରାଜଧାନୀ ସ୍ଥାପନ ବଲାଙ୍ଗିରରେ ହେବା ସମୟରୁ ସେହି ଦିନ ଠାରୁ ମା ପୂଜା ପାଇ ଆସୁଛନ୍ତି । ଦିପାବଳି ଦିନ ରିତିନିତି ମଧ୍ୟରେ ସନ୍ଧ୍ୟାରେ କଳସ ସ୍ଥାପନ ଓ ରାତି ଘ.୧୦ ରୁ ମା ଁ ଙ୍କ ଗୁପ୍ତପୂଜା, ବଳିପୂଜା, ହୋମଯଜ୍ଞ, ମହା ଆଳତି ହୋଇଥିଲା । ପଣ୍ଡିତ ଫକିର ଶତପଥିଙ୍କ ପୌରହିତ୍ୟ ରେ ସମ୍ପୁର୍ଣ୍ଣ ହୋଇଥିବା ବେଳେ ପୂଜା କର୍ତ୍ତା ଭାବେ ସାସ୍ୱତ ହୋତା, ପାଟଣେଶ୍ୱରୀ ମନ୍ଦିର ପୂଜକ ମଧୁସୁଦନ ଦୁସ୍ରୀ, ଅଭିନାଶ ଦିସ୍ରୀ, ଅଙ୍କିତା ଦିସ୍ରୀ ପୂଜାରେ ସହଯୋଗ କରିଥିଲେ । ସହରର ଆଖପାଖ ଭକ୍ତଙ୍କ ସୁଅ ଛୁଟିଥିଲା । ଦେବୋତ୍ତର ବିଭାଗ ଓ ଦେବାଳୟ ସୁରକ୍ଷା କମିଟି ନିଷ୍ପତି ଅନୁଯାୟୀ ଏ ବର୍ଷ ପ୍ରଥମ କରି ମାଁ କାଳିଙ୍କ ଯଜ୍ଞ ସମ୍ପୁର୍ଣ୍ଣ ହୋଇଥିଲା । ମନ୍ଦିର କମିଟି ର ପୂଜକ ମଧୁସୁଦନ ଦିସ୍ରୀ ସୂଚନା ପ୍ରଦାନ କରିଛନ୍ତି ।



ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୧୧।୧୧ :(ମନୁନ) ବଲାଙ୍ଗିର ବ୍ଲକ ଅନ୍ତର୍ଗତ ପଥରଚେପା ଆଦିବାସୀ ଭବନ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ର ଆସନ୍ତା ନଭେମ୍ବର ୧୫ ତାରିଖ ଦିନ କୋସଲ କଳା ମଣ୍ଡଳ ବଲାଙ୍ଗିର ରେ ହେବାକୁ ଥିବା ବିର୍ସା ମୁଣ୍ଡା ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ହୋଇଯାଇଛି । ଏହି ବୈଠକରେ ସଂଘର ସଭାପତି ସତ୍ୟନାରାୟଣ ଭୋଇ ଙ୍କ ଅଧକ୍ଷତାରେ ହୋଇଥିଲା । ସଂଘର ସଂପାଦକ ପୁରୁଷୋତ୍ତମ ଧରୁଆ ବ୍ଲକ ସଭାପତି ମାନଙ୍କୁ ନିଜ ନିଜ ବ୍ଲକ ରୁ ଯେମିତି ଲୋକେ ଆସିବେ ଏହି କାର୍ଯ୍ୟକ୍ରମ କୁ ସଫଳ କରିବେ ସେ ନେଇ



ଆଲୋଚନା ହୋଇଥିଲା । ଗାଁ ରେ ଥିବା ଡକା ବାଦ୍ୟ ଘୁମୁରା ମାଂଦଳ ଘୁଟଖା ଢାପ ଇତ୍ୟାଦି ଧରି ପାରମ୍ପରିକ ବେଶରେ ଆସିବେ । ଏହି ବୈଠକରେ ବ୍ଲକ ସଭାପତି ମାନେ ସତ୍ୟନାରାୟଣ କୁମୁରା, କ୍ଷମା ଦଳପତି, ବିପିନ ଭୋଇ, ଦେବେନ୍ଦ୍ର ଭୋଇ, ଲବ ପଧାନୀ, ଲକ୍ଷ୍ମୀକାନ୍ତ ଧରୁଆ, ଅଷ୍ଟରତ୍ନ ବରିହା, ଶରତ ସିଂ ଭୋଇ, ଦେବେନ୍ଦ୍ର ଭୋଇ, ବିପ୍ର ବିଶି ଯୋଗଦେଇଥିଲେ ।

ବାଇକ୍ ଦୁର୍ଘଟଣାରେ ମେକାନିକ୍ ଗୁରୁତର

ବୁଗୁଡା,୧୧।୧୧ :(ମନୁନ)ବୁଗୁଡ଼ା ବ୍ଲକର ପାଙ୍ଗିଡି ଗ୍ରାମସ୍ଥ ସ୍କୁଲ ସମ୍ମୁଖରେ ଏକ ସାଇକେଲ ସହ ବାଇକର ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ଏବଂ ସାଇକେଲ ଆରୋହୀ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଗୁରୁତର ବାଇକ ଚାଳକ ଜଣକ ହେଲେ ଦିଗପହଣ୍ଡିର ତ୍ରିଲୋଚନ ଗୌଡ(୪୨) ଏବଂ ଆହତ ସାଇକେଲ ଚାଳକ ଜଣକ ହେଲେ ପାଙ୍ଗିଡି ଗ୍ରାମର ପ୍ରମୋଦ ସାହୁ (୫୫)। ଘଟଣାରୁ ପ୍ରକାଶ ଯେ, ବୁଗୁଡା ଉପକଣ୍ଠସ୍ଥ ନାଏରା ପେଟ୍ରୋଲ ପମ୍ପ ହାଉସ୍ ସମ୍ମୁଖରେ ଗ୍ୟାରେଜ୍ କରିଥିବା ଜେସିବି ମେକାନିକ୍ ତ୍ରିଲୋଚନ ନିଜ ଗାଁ ଦିଗପହଣ୍ଡିକୁ ବାଇକରେ ଯାଉଥିଲେ। ଅନ୍ୟପକ୍ଷରେ ରାଜମିସ୍ତୀ ଭାବେ କାମ କରୁଥିବା ପ୍ରମୋଦ ମଧ୍ୟ ଗାଁକୁ ଫେରୁଥିଲେ। ତେବେ ସ୍କୁଲ ସମ୍ମୁଖ ମୁଖ୍ୟ ସଡକରେ ସାଇକେଲ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ। ଦୁର୍ଘଟଣାରେ ତ୍ରିଲୋଚନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ବେଳେ ପ୍ରମୋଦଙ୍କ ଗୋଡରେ ସାମାନ୍ୟ ଆଘାତ ଲାଗିଥିଲା । ପାଙ୍ଗିଡି ଗ୍ରାମର ସାହାଯ୍ୟକାରୀ ଯୁବଗୋଷ୍ଠୀ ଉଭୟଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଏକ ଅଟୋ ଯୋଗେ ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଉଭୟଙ୍କ ପ୍ରାଥମିକ ଚିକିତ୍ସା ପରେ ତ୍ରିଲୋଚନଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ

ବଲାଙ୍ଗିର,୧୧।୧୧ :(ମନୁନ) ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ଠାରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ପୁରୋହିତ, ଧର୍ମବ୍ରତ ରଥ, ମନୋରଂଜନ ପୁରୋହିତ, ପ୍ରଦୀପ କୁମାର ସାହୁ, ବିନୋଦ ପାଣିଗ୍ରାହୀ, ମୋତିଲାଲ ସାହୁ ଓ ଗଣେଷ ପାଢି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂଘର



ପ୍ରଥମେ ସଂପାଦକ ବିମଲ ଚକ୍ରବର୍ତ୍ତି ଗତ ସଭାର ବିବରଣୀ ପାଠ କରିଥିଲେ ଓ କୋଷାଧ୍ୟକ୍ଷ ଅଶୋକ କୁମାର ଋଦ୍ଧ ଆୟବ୍ୟୟ ର ହିସବ ରଖିଥିଲେ। ଉକ୍ତ ସଭାରେ ରେଲ ଉପଭୋକ୍ତା ସଂଘ ସ୍ଥାନୀୟ ସାଂସଦ, ବିଧାୟକଙ୍କୁ ଭେଟି ଦାବି ଜଣାଇବା , ଲିଫ୍ଟ କୁ ସୁଚାରୁ ରୂପେ ପରିଚାଳନା କରିବା, ଇସ୍ପାତ ଟ୍ରେନର ବିଳମ୍ବର ନିରାକରଣ, ଷ୍ଟେସନ କଲୋନିରେ ଖାଲି ପଡିଥିବା ଗୋଟିଏ ଘରକୁ ସଂଘକୁ ଦେବା ଆଦି ବିଭିନ୍ନ ଦାବି ଉପରେ ଇଂ. କିଶୋର ମୋହନ ମିଶ୍ର, ସଦସ୍ୟ ଦ୍ୱାରିକା ପଣ୍ଡା ପଠାଇଥିବା ବିବରଣି ମଧ୍ୟ ସଭାପତି ପ୍ରକାଶ କରିଥିଲେ । କିଛି ଦିନ ତଳେ ଅମୃତ ଭାରତ ଭାରତ ଷ୍ଟେସନ ଉଦ୍‌ଘାଟିତ ହୋଇଥିଲେ ଦୁଇ ଓ ତିନି ନମ୍ବର ପ୍ଲାଟଫର୍ମରେ ଯାତ୍ରୀମାନଙ୍କ ପାଇଁ ସାମାନ୍ୟ ପରିଶ୍ରାଗାର ନ ଥିବାରୁ, ବରିଷ୍ଠ ନାଗରିକ ଓ ରୋଗୀମାନଙ୍କୁ ଏକ ନମ୍ବର ରୁ ଦୁଇ ଅବା ତିନି ନମ୍ବର ରୁ ନେଇ ଫେରେଇ ଆଣୁଥିବା ରୁ ବହୁତ ଅସୁବିଧା ହେଉଛି । ରେଲ ବିଭାଗ ତରଫରୁ ଏକ ସହାୟକ ବ୍ୟବସ୍ଥା କରିବା କରିବା ପାଇଁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ଦାବି ଉଠି ଥିଲା । ଉକ୍ତ ସଭାରେ ପ୍ରଭାକର ମିଶ୍ର, ସୁବ୍ରତ ବହିଦାର, ବିଶ୍ୱନାଥ ତ୍ରିପାଠି, ଶତ୍ରୁଘ୍ନ ସିଂହ, ସଲିମ ଖାନ, ହରେକୃଷ୍ଣ ତ୍ରିପାଠୀ, ତ୍ରିନାଥ ସାହୁ, ବ୍ରଜ କିଶୋର ପଣ୍ଡା, ଗଣେଶରାମ ବେହେରା, ଛବିଲାଲ ବେହେରା, ପର୍ଶୁରାମ ନାଏକ, ଅରୁଣଲାଲ ସାହୁ, ହିତେଶ ସାହୁ ପ୍ରମଖ ଉପସ୍ଥିତ ଥାଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ବିଭାଗୀୟ ଅବହେଳାକୁ ନେଇ କ୍ଷୋଭ

ନୟାଗଡ଼, ୧୧।୧୧ :(ମନୁନ)ନୟାଗଡ଼ ଜିଲ୍ଲାପରିଷଦ 'ସୃଜନ' ଗୃହରେ କଟକ ଲୋକସଭା ସାଂସଦ ତଥା ଅଧକ୍ଷ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ 'ଦିଶା' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଜିଲ୍ଲାପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ବୈଠକରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ଏବଂ ଶୌଚାଳୟ ନିର୍ମାଣ ଆଦି ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ସେହିପରି ଗଣିଆ ଓ ଦଶପଲ୍ଲା ଅଞ୍ଚଳରେ ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଷ୍ଟଣ୍ଟିଂ ଓ ଅଣ୍ଡରଗ୍ରୋଥ୍ ସମସ୍ୟାକୁ ଦୂର କରିବା ପାଇଁ ସେମାନଙ୍କୁ ପୁଷ୍ଟିକର ଆହାର ଯୋଗାଇବା ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା।ତେବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଏବଂ ଗ୍ରାମାଞ୍ଚଳ ସଂଯୋଗୀକରଣକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସନ୍ତୋଷଜନକ ତଥ୍ୟ ଉପସ୍ଥାପିତ ହୋଇନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପୂର୍ବରୁ ୨୦୦୦, ୧୦୦୦ ଏବଂ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକ ସଂଯୋଗୀକରଣ ହୋସାରିଥିବା ବେଳେ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କିଛି ଛୋଟ ପଡ଼ା ଓ ହାମ୍ଲେଟ୍‌ଗୁଡ଼ିକୁ ମଧ୍ୟ ସଂଯୁକ୍ତ କରାଯାଇଛି। ମାତ୍ର ବର୍ତ୍ତମାନ ପଞ୍ଚମ ପର୍ଯ୍ୟାୟ ଯୋଜନା ପାଇଁ ନୟାଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇନଥିବାରୁ ଏହାକୁ ନେଇ ହାଉସ୍‌ରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ପୂର୍ଣ୍ଣ ତଥ୍ୟ ଅଭାବରୁ ଏହି ପ୍ରସଙ୍ଗକୁ ଆଗାମୀ ଜାନୁଆରୀ ମାସରେ ହେବାକୁ



ନଭେମ୍ବର ୨୨ରେ 'ଟାଟା ଷ୍ଟିଲ୍ ନୋଆମୁଣ୍ଡି ରନ୍-ଏ-ଥନ୍'

ଯୋଡ଼ା, ୧୧।୧୧ :(ମନ୍ତୁନ) ଟାଟା ଷ୍ଟିଲ୍ ପକ୍ଷରୁ ଏହାର ଓର୍ ମାଇନ୍ସ ଆଣ୍ଡ୍ କ୍ୱାରିଜ୍ (ଓଏମକ୍ୟୁ) ଡିଭିଜନ୍‌ର ପ୍ରମୁଖ କାର୍ଯ୍ୟକ୍ରମ 'ନୋଆମୁଣ୍ଡି ରନ୍-ଏ-ଥନ୍'ର ଷଷ୍ଠ ସଂସ୍କରଣ ଘୋଷଣା କରାଯାଇଛି । ଆସନ୍ତା ନଭେମ୍ବର ୨୨, ୨୦୨୬ ରେ ନୋଆମୁଣ୍ଡି ସ୍ପର୍ଟସ୍ କମ୍ପ୍ଲେକ୍ସରୁ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହେବ। ଚଳିତ ବର୍ଷ ଏହି ଦୌଡ଼ ପାଇଁ 'ସବୁଜିମା ଭରା ଆଗାମୀ କାଲି ପାଇଁ ଦୌଡ଼' (ରନ୍ ଫର୍ ଏ ଗ୍ରୀନର୍ ଟୁମରୋ) ବିଷୟବସ୍ତୁ ଧାର୍ଯ୍ୟ କରାଯାଇଛି ।ଏହି ଅବସରରେ ଟାଟା ଷ୍ଟିଲ୍ ଓଏମ୍ ?କ୍ୟୁ ଡିଭିଜନ୍ ?ର ଜେନେରାଲ୍ ମ୍ୟାନେଜର୍ ଦେବାଶିଷ ଜେନା; ଟାଟା ଷ୍ଟିଲ୍ ଯୋଡ଼ାର ଚିଫ୍ ଜି.ଭି. ସତ୍ୟନାରାୟଣ; ସ୍ପ ?ର୍ଟସ୍ (ଇଭେଣ୍ଟସ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର୍ସ) ମୁଖ୍ୟ କ୍ୟାପ୍ଟେନ୍ ମନୀଷ ସିହ୍ନା; ନୋଆମୁଣ୍ଡି, କାଟାମାଟି ଓ ବିଜୟ-୨ ଖଣି ମୁଖ୍ୟ ଡି. ବିଜୟେନ୍ଦ୍ର; ଯୋଗାଯୋଗ ବିଭାଗ ମୁଖ୍ୟ (ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀ) ରୂପାଲୀ କର ଏବଂ କଞ୍ଚାମାଲ୍ ଓ ଝାଡ଼ଖଣ୍ଡ ଯୋଗାଯୋଗ ବିଭାଗ ମୁଖ୍ୟ ରାଜେଶ ରାଜନ୍‌ଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରନ୍-ଏ-ଥନ୍ ପାଇଁ ସ୍ୱତନ୍ତ୍ର ଜର୍ସି ଉନ୍‌ମୋଚନ କରାଯାଇଛି ।ଏହି ପ୍ରତିଯୋଗିତାକୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ପାଇଁ ୧୦ କିମି ଓ ୬ କିମି, ୧୬ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ପାଇଁ ୫ କିମି ଏବଂ



ଦିବ୍ୟାଙ୍ଗମାନଙ୍କ ନିମନ୍ତେ ୨ କିମି ବର୍ଗରେ ବିଭକ୍ତ କରାଯାଇଛି । ବିଭିନ୍ନ ବର୍ଗର ବିଜେତାମାନଙ୍କୁ ମୋଟ ୫,୬୭,୦୦୦/- (ପାଞ୍ଚ ଲକ୍ଷ ସତଷଠି ହଜାର ଟଙ୍କା) ର ନଗଦ ପୁରସ୍କାର ପ୍ରଦାନ କରାଯିବ ।ଉଲ୍ଲେଖଯୋଗ୍ୟ ଯେ, ଗତ ସଂସ୍କରଣରେ ଦେଶର ବିଭିନ୍ନ ପ୍ରାନ୍ତରୁ ଚାରି ହଜାରରୁ ଅଧିକ ଦୌଡ଼ାଳି ଭାଗ ନେଇଥିବା ବେଳେ ଚଳିତ ବର୍ଷ ପୂର୍ବ ରେକର୍ଡ ଭାଙ୍ଗିବା ନେଇ ଆଶା କରାଯାଉଛି । ଉଭୟ ସାଧାରଣ ଓ ସ୍ଥାନୀୟ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ନଗଦ ପୁରସ୍କାର ରାଶିରେ ସମ୍ମାନିତ କରାଯିବ ।ନୋଆମୁଣ୍ଡି ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସୁପରିଚିତ । ଏହି ଅଞ୍ଚଳର ଜୈବ ବିବିଧତା ଏବଂ ବୃକ୍ଷଲତା ତଥା ଜୀବଜନ୍ତୁଙ୍କ ସଂରକ୍ଷଣ ଦିଗରେ ଟାଟା ଷ୍ଟିଲ୍ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସକ୍ରିୟ ଭୂମିକା ଗ୍ରହଣ କରିଆସିଛି । ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ନୋଆମୁଣ୍ଡି ଲୁହାପଥର ଖଣି ପକ୍ଷରୁ ସବୁଜ ବଳୟ ସୃଷ୍ଟି ଓ ଜୈବ ବିବିଧତା ବୃଦ୍ଧି ପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।ଟାଟା ଷ୍ଟିଲ୍ ?ରେ କ୍ରୀଡ଼ାର ପ୍ରୋତ୍ସାହନ ଏକ ଶତାବ୍ଦୀର ପୁରୁଣା ଇତିହାସ ବହନ କରେ, ଯାହା ଏହାର କାର୍ଯ୍ୟ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭାରତୀୟ କ୍ରୀଡ଼ା ଜଗତରେ ଏକ ଅଗ୍ରଣୀ କର୍ପୋରେଟ୍ ପ୍ରୋତ୍ସାହକ ଭାବେ ଟାଟା ଷ୍ଟିଲ୍ ଫୁଟବଲ୍, ତୀରନ୍ଦାଜୀ, ଆଥଲେଟିକ୍ସ, ହକି ଏବଂ ସ୍ପ ?ର୍ଟ କ୍ଲାଇମ୍ବିଂ ପାଇଁ ଉଚ୍ଚସ୍ତରୀୟ ଏକାଡେମୀ ପ୍ରତିଷ୍ଠା କରି କ୍ରୀଡ଼ା ପ୍ରତିଭାଙ୍କୁ ନିରନ୍ତର ଉତ୍ସାହିତ କରିଆସୁଛି ।

ନୟାଗଡ଼ରେ କଂଗ୍ରେସର 'ଭୋଟ୍ ବଞ୍ଚାଓ, ଦେଶ ବଞ୍ଚାଓ' ସାମ୍ବାଦିକ ସମ୍ମିଳନୀ

ନୟାଗଡ଼,୧୧।୧୧ :(ମନ୍ତୁନ)ଅଖିଳ ଭାରତ କଂଗ୍ରେସ କମିଟି ର ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ଚାଲିଥିବା 'ଭୋଟ୍ ବଞ୍ଚାଓ, ଦେଶ ବଞ୍ଚାଓ' ଅଭିଯାନ ଅନ୍ତର୍ଗତ ଆଜି ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା ମଧ୍ୟପ୍ରଦେଶର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ପି. ସି. ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରିଛନ୍ତି ।ଶ୍ରୀ ଶର୍ମା କହିଛନ୍ତି ଯେ ଗଣତନ୍ତ୍ରର ମୂଳଦୁଆ ହେଉଛି ଜନସାଧାରଣଙ୍କ ମତଦାନ ଅଧିକାର । କିନ୍ତୁ ଆଜି ଅତ୍ୟନ୍ତ ଚିନ୍ତାର ବିଷୟ ଯେ, ଦେଶରେ ସେହି ପବିତ୍ର ଭୋଟ୍ ଅଧିକାର ଉପରେ କୁଠାରଘାତ କରାଯାଉଛି । ଇଭିଏମ୍ ର ଅସଦୁପଯୋଗ, ଭୋଟ୍ ଚୋରି ଏବଂ ସାଧାରଣ ନାଗରିକଙ୍କ ସ୍ୱରକୁ ଚାପିଦେବାର ଷଡ଼ଯନ୍ତ୍ର ଏବେ ଗଣତନ୍ତ୍ର ପ୍ରତି ସବୁଠାରୁ ବଡ଼ ବିପଦ ଭାବେ ଠିଆ ହୋଇଛି ।ଦେଶବାସୀଙ୍କ ପ୍ରମୁଖ ଦାବି ହେଲା—ନିର୍ବାଚନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ରହିବା ଉଚିତ । ଯେଉଁଠି ଇଭିଏମ୍ ଉପରେ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି, ସେଠାରେ ୧୦୦ ପ୍ରତିଶତ ଭିଭିପ୍ୟାଟ୍ ପର୍ଚ୍ଚି ଗଣତି ନିଶ୍ଚିତ ହେବା ଆବଶ୍ୟକ । ନିର୍ବାଚନ ଆୟୋଗ ଶାସକ ଦଳର ଇଙ୍ଗିତରେ ଭୋଟ୍ ମେସିନର



ହେରଫେର ଅଭିଯୋଗକୁ ଗୁରୁତ୍ୱର ସହ ତଦନ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି ।ଜନମତର ସୁରକ୍ଷା ନିମନ୍ତେ ଭୋଟ୍ ଚୋରି ମାଧ୍ୟମରେ ସରକାର ଗଠନ କରିବା ସମ୍ବିଧାନ ବିରୋଧୀ । ଜନଗଣଙ୍କ ସ୍ୱାର୍ଥ ଓ ସମ୍ବିଧାନ ରକ୍ଷା ପାଇଁ ଲୋକସଭା ବିରୋଧୀ ଦଳର ନେତା ଶ୍ରୀ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱରେ ଡଇଣ୍ଡିଆ' ଗଠବନ୍ଧନର ନେତାମାନେ ସବୁବେଳେ ରାଜରାସ୍ତାରେ ଲଢେଇ ଜାରି ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଭୋଟ୍ ? ବଞ୍ଚିଲେ ହିଁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବଞ୍ଚି ରହିବ ଏବଂ ଏହି ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ସୂଚନା ଦେଇ କହିଛନ୍ତି ଯେ, ଚଳିତ ଏସଆଇଆର୍ ପ୍ରକ୍ରିୟାରେ ଭୋଟର କାଟିବା ଉପରେ ବ୍ୟାପକ ଜାଲିଆତି କରାଯାଉଛି । ନୟାଗଡ଼ ବ୍ଲକ ନବଘନପୁର ପଞ୍ଚାୟତର ନବଘନପୁର ବୁଥରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ନାମ କାଟି ଦିଆଯିବା ଏବଂ ପୁଣି ୬ ନମ୍ବର ଫର୍ମ ଜରିଆରେ ନାମ ଯୋଡ଼ାଯିବା ଏହାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ ।ପରିଶେଷରେ, ପୂର୍ବତନ ମନ୍ତ୍ରୀ ଶ୍ରୀ ପି. ସି. ଶର୍ମା ଡିସିସି କାର୍ଯ୍ୟକର୍ତ୍ତା, ବ୍ଲକ କଂଗ୍ରେସ ସଭାପତି ଏବଂ ବିଭିନ୍ନ ସାମ୍ବାଦିକ ସଂଗଠନର ସଭାପତିମାନଙ୍କ ସହିତ ଆଲୋଚନା କରି 'ଭୋଟ୍ ବଞ୍ଚାଓ, ଦେଶ ବଞ୍ଚାଓ' କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତର ବା ବୁଥ୍ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ ।ଆଜିର ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରଣଜିତ ଦାଶ, ପିସିସି ସାଧାରଣ ସମ୍ପାଦକ ଦେଓ ପ୍ରସାଦ, ସମ୍ପାଦକ ମାନସ କର, ନୟାଗଡ଼ ମୁନିସିପାଲିଟି କଂଗ୍ରେସ ସଭାପତି ରାଜକିଶୋର ଜେନା, ଜିଲ୍ଲା ଛାତ୍ରକଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡ଼ି ତରଫରୁ ଜନସମ୍ପର୍କ ପଦଯାତ୍ରା ଓ ବିଶାଳ କର୍ମୀ ସମ୍ମିଳନୀ

ଅନୁଗୋଳ,୧୧।୧୧ :(ମନ୍ତୁନ)ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଇଣ୍ଡା ରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଓ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟ ରୁ ପଦଯାତ୍ରା ଆରମ୍ଭ ହୋଇ ବଇଣ୍ଡା ଛକ ନୁନୁକା ପଶି କଦଳୀ ମୁଣ୍ଡା ଦେଇ ପୁଣି କଲ୍ୟାଣ ମଣ୍ଡପ ନିକଟରେ ପହଁଚି ଥିଲା । କଲ୍ୟାଣୀ ମଣ୍ଡପ ନିକଟରେ ଅନୁଷ୍ଠିତ ସଭା ରେ ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ପୂର୍ବତନ ବିଧାୟକ ମୁକେଶ ପାଳ, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ଶେଖର ଜିତ, ଆଠମଲ୍ଲିକ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, କିଶୋରନଗର ବ୍ଲକ ଅଧକ୍ଷା ଶୈଳେନ୍ଦ୍ରି ପ୍ରଧାନ, ଅନୁଗୋଳ ବ୍ଲକ ଉପାଧାକ୍ଷ ପ୍ରକାଶ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା କାଜଲ



ପଟ୍ଟନାୟକ, ବିଷ୍ଣୁ ପ୍ରିୟା ପ୍ରଧାନ, ଅନୁପମା ସାହୁ, ବବିତା କର୍ଣ୍ଣ, ରଶ୍ମି ରେଖା ମାହାର, ବିଜେଡ଼ି ନେତା ଭାଗିରଥି ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଆଠମଲ୍ଲିକ ନଗର ସଭାପତି ନିରଞ୍ଜନ ରଣା, ପ୍ରମୁଖ ଯୋଗ ଦେଇ ଡବଲ ଇଂଜିନ ସରକାର ଙ୍କ ର ବିଫଳତା ଉପରେ ବକ୍ତବ୍ୟ ରଖିବା ସହିତ ବାର୍ଦ୍ଧକ୍ୟ ଭତ୍ତା, ଦରଦାମ ବୃଦ୍ଧି, ନାରୀ ସୁରକ୍ଷା ଓ ଖଣି ଦୁର୍ନୀତି ଉପରେ ଆଲୋକ ପାତ କରିବା ସହିତ ଓଡିଶା ବାସି ପୁଣି ନବୀନ ପଟ୍ଟନାୟକ ଙ୍କ ସ୍ୱଚ୍ଛ ଶାସନ କୁ ମନେ ପକାଇଲେଣି ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡ଼ି ନେତା ରାମଚନ୍ଦ୍ର ମହାକୁଡ଼, ହିମାଂଶୁ ଶେଖର ପ୍ରଧାନ, ଦୁଃଶାସନ ରାଉଳ,ଅଜିତ ଆଚାର୍ଯ୍ୟ, ଅରୁଣ ସାହୁ, କୁମୁଦ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ବେହେରା ଙ୍କ ସମେତ ବହୁ ବିଜେଡ଼ି ନେତା ଓ କର୍ମୀ ଉପସ୍ଥିତ ଥିଲେ । ଶେଷରେ ଯୁବ ନେତା ହିମାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ହରପାର୍ବତୀ ପୂଜା ସମ୍ପନ

ଧାମନଗର,୧୧।୧୧ :(ମନ୍ତୁନ) ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଞ୍ଚାୟତର ଫଳପୁର ଠାରେ ଚଳିତ ବର୍ଷ ମଧ୍ୟ ବେଶ୍ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶରେ ହରପାର୍ବତୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଗ୍ରାମର ଏହି ପ୍ରସିଦ୍ଧ ପୂଜା ପରମ୍ପରାକୁ ଚଳିତ ବର୍ଷ ୪୨ ବର୍ଷ ପୂରିଛି । ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବେ ଚାଲିଆସିଥିବା ଏହି ପୂଜାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ଓ ଉତ୍ସବମୁଖର ବାତାବରଣ ଦେଖିବାକୁ ମିଳିଛି ।

ପ୍ରଥା ଓ ପରମ୍ପରା ଅନୁଯାୟୀ, ଦେବଦେବ ମହାଦେବ ଏବଂ ମାଆ ପାର୍ବତୀଙ୍କ ନୀତିକାନ୍ତି ଏବଂ ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ମଣ୍ଡପରେ ହୋମଯଜ୍ଞ ଏବଂ ବିଶେଷ ପୂଜାନୀତି ସମ୍ପନ୍ନ ହୋଇଥିଲା । ଗ୍ରାମର ସମସ୍ତ ବୟସ୍କ, ଯୁବକ ଏବଂ ମାଆମାନେ ଏହି ପୂଜାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆଳତି ଓ ଭଜନ କୀର୍ତ୍ତନ ଦ୍ୱାରା ପରିବେଶ ଅଧିକ ପ୍ରକମ୍ପିତ ହୋଇଉଠିଥିଲା । ଗ୍ରାମର ଏହି ପୁରାତନ ତଥା ଗୌରବଜ୍ଜଳ ପୂଜା ପରମ୍ପରାକୁ ବଜାୟ ରଖିବାରେ ଗ୍ରାମବାସୀଙ୍କ ମିଳିତ ସହଯୋଗ ଓ ଆଧ୍ୟାତ୍ମିକ ଭାବନା ପ୍ରଶଂସନୀୟ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ଏହି ମହୋତ୍ସବ ଦ୍ୱାରା ଗ୍ରାମରେ ଭାଇଚାରା ଏବଂ ସାମାଜିକ ଏକତା ଅଧିକ ସୁଦୃଢ଼ ହୋଇଛି ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି ।

କୋଣାର୍କ ସାମ୍ବାଦିକ ମହାସଂଘ ପୁନର୍ଗଠିତ

ଗୋପ,୧୧।୧୧ :(ମନ୍ତୁନ) ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମା ଭଗବତୀ ପୀଠରେ କୋଣାର୍କ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ କୋଣାର୍କ ସାମ୍ବାଦିକ ମହାସଂଘ ପୁନର୍ଗଠିତ କରାଯାଇଛି ।ମହାସଂଘର ଆବାହକ ମାନସ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଂଗଠନିକ ବୈଠକରେ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ବିଭିନ୍ନ ସମସ୍ୟାର ସମାଧାନ, ସମାଜର ଅବହେଳିତ ବର୍ଗର ମୌଳିକ ସମସ୍ୟା ଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇବା, ସାମ୍ବାଦିକ ଭବନ ନିର୍ମାଣ, ଶୃଙ୍ଖଳିତ ଓ ସଂଘବଦ୍ଧ ଭାବେ ସମ୍ମିଳିତ ହୋଇ ଲେଖନୀ ମାଧ୍ୟମରେ କୋଣାର୍କର ବିକାଶ ପାଇଁ ସ୍ୱରକୁ ପ୍ରଶାସନିକ ଅଧିକାରୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି ନିରନ୍ତର ଓ ନିରବଚ୍ଛିନ୍ନ ଭାବରେ ନିରପେକ୍ଷ ହୋଇ କାର୍ଯ୍ୟ ଜାରି ରଖିବା ନେଇ ମହାସଂଘ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମହାସଂଘ ପକ୍ଷରୁ ବାର୍ଷିକ ଉତ୍ସବ, ଜନ କଲ୍ୟାଣ ମୂଳକ ସଚେତନତା ଓ ସାମାଜିକ କାର୍ଯ୍ୟକ୍ରମ ଏବଂ ସଂଗଠନର ସୁଦୃଢୀକରଣ କରାଯିବା ନେଇ ବୈଠକରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ




କରାଯାଇଛି । ଏହି ବୈଠକରେ ମହାସଂଘର ଉପ ଆବାହକ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ, ସାମ୍ବାଦିକ ମନୋରଞ୍ଜନ ପଣ୍ଡା, ବିଚିତ୍ର ଓଝା, ଆଶିଷ ରଞ୍ଜନ ମିଶ୍ର, ପ୍ରତାପ କାଣ୍ଡି, ଜ୍ୟୋତିରାଜ ମହାନ୍ତି, ସ୍ୱାଧୀନ ନାୟକ, ଦେବୀ ପ୍ରସାଦ ନାୟକ, ଜ୍ୟୋତି ପ୍ରକାଶ ଦାଶ, ପ୍ରକାଶ କାଣ୍ଡି, ଅରୁଣ କୁମାର ବିଶ୍ୱାଳ, ପ୍ରମୋଦ ଗୋଛାୟତ, ସନ୍ତୋଷ ଗୋଛାୟତ, ଜ୍ଞାନ ରଞ୍ଜନ ବିଶ୍ୱାଳ, ଅଭୟ ନାୟକ, ପ୍ରଦୀପ କୁମାର ଛାଟୋଇ, ଦେବ ଶକ୍ତି ନାୟକ, ଅରୁନାଭ କର, ରୋଜାଲିନ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ଗଣେଶ ଚନ୍ଦ୍ର ବେହେରା, ପ୍ରଦୀପ୍ତ ଚାନ୍ଦ, ହାପି ପାତ୍ର, ଆନନ୍ଦ କୁମାର ଜେନା, ଗୋପବନ୍ଧୁ ପତି ଓ ସନ୍ତୋଷ ଦାସ ସମେତ ୩୨ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ରହି ମହାସଂଘର ସୁଦୃଢ ଉପରେ ମତାମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ କୋଣାର୍କ ସାମ୍ବାଦିକ ମହାସଂଘ ସମାଜର ଅସହାୟ ଓ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ନାର୍ଯ୍ୟ ଦାବି ପ୍ରଦାନ ଓ କୋଣାର୍କ ଅଞ୍ଚଳର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଲେଖନୀ ମାଧ୍ୟମରେ ସ୍ୱରକୁ ଶାଣିତ କରିବା ଦିଗରେ କାର୍ଯ୍ୟ କରିବ ବୋଲି ଉପସ୍ଥିତ ସାମ୍ବାଦିକମାନେ ମା ଭଗବତୀ ପୀଠରେ ସାମୁହିକ ଶପଥପାଠ କରିଥିଲେ।

ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା ଉଦ୍‌ଘାଟିତ

ଅନୁଗୋଳ, ୧୧।୧୧ :(ମନ୍ତୁନ) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ପାଠାଗାର ପରିସରରେ 'ଆମ କଳାକାର' ପୋର୍ଟାଲରେ ପଞ୍ଜୀକୃତ ସାଂସ୍କୃତିକ ଦଳଗୁଡ଼ିକର ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଆଜି ଆନୁଷ୍ଠାନିକ ଭାବେ ଉଦ୍ ?ଘାଟିତ ହୋଇଯାଇଛି । ଏହି ଚୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଚାଲୁ ରହିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ପ୍ରତିଭାସମ୍ପନ୍ନ ସାଂସ୍କୃତିକ ଦଳଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ସରକାରୀ କାର୍ଯ୍ୟକ୍ରମମାନଙ୍କରେ କଳା ପ୍ରଦର୍ଶନର ସୁଯୋଗ ଯୋଗାଇ ଦେବା। ଏହି ଚୟନ ପ୍ରକ୍ରିୟାରେ ମନୋନୀତ ହେଉଥିବା ଦଳଗୁଡ଼ିକ ଅନଲାଇନ୍ ମାଧ୍ୟମରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପରିବେଷଣ କରିବା ପାଇଁ ସୁଯୋଗ ପାଇପାରିବେ।ଆଜିର ଉଦ୍‌ଘାଟନୀ ଦିବସରେ ବିଚାରକ ଭାବେ ଶ୍ରୀ ପ୍ରିୟରାମ ପ୍ରଧାନ, ଶ୍ରୀ ହଳଧର ଦାସ ଓ ଶ୍ରୀ ବୃନ୍ଦାବନ ମାଝୀ ଉପସ୍ଥିତ ରହି ସାଂସ୍କୃତିକ ଦଳଗୁଡ଼ିକର କଳା ପରିବେଷଣର ମୂଲ୍ୟାୟନ କରିଥିଲେ ।ଏହି ଅଭିନବ ପଦକ୍ଷେପ ଜିଲ୍ଲାର ଲୋକକଳା, ଲୋକସଂସ୍କୃତି ଓ ପାରମ୍ପରିକ କଳାକୁ ରାଜ୍ୟସ୍ତରରେ ପ୍ରସାରିତ କରିବା ସହ ସ୍ଥାନୀୟ କଳାକାରମାନଙ୍କୁ ଏକ ନୂତନ ପରିଚୟ ଓ ରୋଜଗାରର ସୁଯୋଗ ପ୍ରଦାନ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି ।

ଅନୁଗୋଳରେ 'ସୂର୍ଯ୍ୟବନ' ଇକୋ-ରିସର୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ

ଅନୁଗୋଳ,୧୧।୧୧ :(ମନ୍ତୁନ) ଅନୁଗୋଳ ମାଟି କେବଳ ଶିଳ୍ପ, କୋଇଲା କିମ୍ବା ଖଣିଜ ପଦାର୍ଥର ଜିଲ୍ଲା ନୁହେଁ, ବରଂ ଏହା ପ୍ରକୃତିର ଅପୂର୍ବ ସୌନ



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ମହାପ୍ରଭୁଙ୍କ ପୁଣ୍ୟପାବନ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କାହିଁ ଅନାଦି କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଗବାନ ବଳଭଦ୍ର ଓ ମାଆ ସୁଭଦ୍ରାଙ୍କୁ ଭକ୍ତଜନମାନେ ଚର୍ମ ନେତ୍ରରେ ଦର୍ଶନ କରି ଆସୁଛନ୍ତି। ତେବେ ମହାପ୍ରଭୁଙ୍କ ଏହି ପୁଣ୍ୟ ପାବନ କ୍ଷେତ୍ର ସହିତ ସାଧାରଣରେ ଓଡ଼ିଶାର ଖବରକାଗଜ ବୁଝାଯାଉଥିବା ଶତାୟୁ ଦୈନିକ ‘ସମାଜ’ର ଏକ ଭାବପୂର୍ଣ୍ଣ ସମ୍ପର୍କ ରହିଛି। ଆମେ ସମସ୍ତେ ଜାଣିଛେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ ହେଉଛି ‘ସମାଜ’। ୧୯୨୪ ମସିହା ନଭେମ୍ବର ୨୯ ତାରିଖରେ ଦାସେ ଆପଣେ ବା ପଣ୍ଡିତ ଗୋପବନ୍ଧୁ କାରାଦାଣ୍ଡରୁ ମୁକ୍ତ ହେବା ପରେ ପୁଣି ଥରେ ‘ସମାଜ’ର ସମ୍ପାଦନା ଦାୟିତ୍ୱ ନେଇଥିଲେ। ସମାଜର ପ୍ରକାଶକ ଓ ମୁଦ୍ରାକର ଭାବେ ଆଚାର୍ଯ୍ୟ ହରିହର ଦାସ ଦାୟିତ୍ୱ ନିର୍ବାହ କରୁଥାନ୍ତି। ସୂଚନାଥାଉକି ଏହି ସମୟରୁ ହିଁ ଦୈନିକ ସମାଜର ପ୍ରକାଶନ, ମୁଦ୍ରଣ ଓ ସମ୍ପାଦନା ଦାୟିତ୍ୱକୁ ଅଲଗା କରାଯାଇଥିଲା। ସେ ସମୟରେ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରର ପୁରୀରେ ସାଧାରଣ ଜାତୀୟ ଜୀବନ ଏକ ପ୍ରକାର ନିଷ୍କ୍ରିୟ ହୋଇପଡୁଥିବା ଅନୁଭବ କରି ଗୋପବନ୍ଧୁ ଦାସ ମହାପ୍ରଭୁଙ୍କ କ୍ଷେତ୍ର ପୁରୀରେ ଅବସ୍ଥାନ କରିବା ପାଇଁ ନିଷ୍ପତ୍ତି ନେଲେ। ସେ ସମୟଟି ଥିଲା ଇଂରେଜ ଶାସନର ସମୟ। ଦେଶ ମାତୃକାର ପାଇଁ ସଂଗ୍ରାମୀଙ୍କ ସଂଗ୍ରାମର ବାର୍ତ୍ତା ଚାରିଆଡ଼କୁ ବ୍ୟାପ୍ତ ହେଉଥିଲା। ସେ ସମୟରେ ଅର୍ଥାତ୍ ୧୯୨୫ ମସିହା ଜାନୁଆରୀ ୩ ତାରିଖରେ ସତ୍ୟବାଦୀ ଛାପାଖାନା ଯାହାକି ସତ୍ୟବାଦୀ ଠାରେ ଥିଲା ତାହାକୁ ପୁରୀର ଦଇତାପଡ଼ା ସାହି ନିକଟ ପଥୁରିଆ ସାହିକୁ ଅଣାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ସାପ୍ତାହିକ ସମାଜ ଛପା ଯାଉଥିଲା। ସେ ସମୟର ଛପା ବ୍ୟବସ୍ଥାକୁ ଦେଖି ସମାଜ ଡବଲ କ୍ରାଉନ ଆକାରରେ ପ୍ରକାଶିତ ହେଉଥିଲା। ପୁରୀ ଠାରେ ଅବସ୍ଥାନ କରିବା ସମୟରେ ଦାସେ ଆପଣେ ସମାଜ ସହିତ ଏକ ଇଂରାଜୀ ସାପ୍ତାହିକ ପତ୍ରିକା ପ୍ରକାଶ କରିବାକୁ ଚାହୁଁଥିଲେ। ଏହି କାର୍ଯ୍ୟକୁ ପରିଚାଳନାରେ ସହାୟତା କରିବା ପାଇଁ ସତ୍ୟବାଦୀ ବନବିଦ୍ୟାଳୟର ଅଧ୍ୟକ୍ଷ ତଥା ସେ ପୁତ୍ର ପ୍ରତୀମ ସ୍ନେହ ଦେଉଥିବା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ନିଜ ପାଖରେ ରଖାଇଥିଲେ। ତେବେ ବିଧିର ବିଧାନ ସମ୍ଭବତଃ ଅଲଗା ଥିଲା। ଗୋପବନ୍ଧୁ ଦାସଙ୍କ ଇଚ୍ଛା ପୂରଣ ହୋଇପାରି ନଥିଲା କାରଣ ୧୯୨୬ ମସିହା ଫେବୃଆରୀ ୧୨ ତାରିଖରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ପରଲୋକ ଘଟିଥିଲା। ପୁତ୍ର ପ୍ରତୀମ ସହକର୍ମୀ କୃପାସିନ୍ଧୁ ମିଶ୍ରଙ୍କ ଅକାଳ ପରଲୋକ ତାଙ୍କୁ ଗଭୀର ଦୁଃଖ ଦେଇଥିଲା।

୧୯୨୪ ମସିହା ଡିସେମ୍ବର ୨୦ ତାରିଖରେ ସାକ୍ଷୀଗୋପାଳ ଠାରେ ସାପ୍ତାହିକ ସମାଜର ଏକ ସ୍ୱତନ୍ତ୍ର ସଂଖ୍ୟା ଛପା ଯାଇଥିଲା। ସତ୍ୟବାଦୀରୁ ପୁରୀର ପଥୁରିଆ ସାହିକୁ ଛାପା କଳ ସ୍ଥାନାନ୍ତର କରାଯିବା କାର୍ଯ୍ୟକ୍ରମ ପାଇଁ ସେ ସମୟରେ ସମାଜର ଗୋଟିଏ ସଂଖ୍ୟାର ଛପା ବନ୍ଦ ରହିଥିଲା। ପଥୁରିଆ ସାହିର ଏକ ପୁରୁଣା କୋଠାଘରେ ଏହି ଛାପାକଳ ଚାଲୁ କରାଯିବାର ବ୍ୟବସ୍ଥା ହୋଇଥିଲା। ସେହି ବର୍ଷ ଜାନୁଆରୀ ୩ ତାରିଖରେ ପୁରୀରୁ ସମାଜର ପ୍ରଥମ ସଂଖ୍ୟା ଛପା ଯାଇଥିଲା। ଏଠାରେ ଗୋଟିଏ ସ୍ମରଣୀୟ କଥାଟି ସହୃଦୟ ପାଠକମାନଙ୍କ ପାଇଁ ଉଲ୍ଲେଖ କରୁଛୁ। ଜାନୁଆରୀ ୧୭ ତାରିଖରେ ସମାଜର ସମ୍ପାଦକୀୟ ଶିରୋନାମାର ଉପରେ ଜାତୀୟ କଂଗ୍ରେସର ପ୍ରତୀକ ‘ଚରଖା’ର ଗୋଟିଏ ଛବି ପ୍ରକାଶ ହୋଇଥିଲା ଏବଂ ସେହିଦିନ ପ୍ରଥମଥର ଭାବେ ସମାଜର ବଜାର ଦର ଛପା ହୋଇଥିଲା। ଓଡ଼ିଶାର ଗାଁଠୁ ସହର ସବୁଆଡ଼େ ସମାଜକୁ ଲୋକମାନେ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବାରୁ ପ୍ରତି ସପ୍ତାହରେ ଦୁଇଥର ଛପାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସେ ସମୟରେ ଆଜିକାପରି ଡାକ ବିଭାଗ ଅଧିକ ଅଞ୍ଚଳକୁ ଯାଇପାରି ନଥିଲା ତେଣୁ ଗାଁ ଗଣ୍ଡାକୁ ସପ୍ତାହରେ ଥରେ ମାତ୍ର ଡାକ ବିଭାଗର ଚିଠିପତ୍ର ଆଦି ବିତରଣର ସୁବିଧା ଥିବାରୁ ଏହି ପ୍ରସ୍ତାବକୁ ବନ୍ଦ କରାଯାଇଥିଲା। ସମାଜ ଛପା ହେବାର ଆଠ ବର୍ଷ ପୂର୍ତ୍ତିର ଅବସର ସମୟରେ ପ୍ରଥମେ ଏହାର ବାର୍ଷିକ ଗ୍ରାହକ ରାଶି ରହିଥିଲା ୨ଟଙ୍କା ୨୫ ପଇସା। ପରେ ଆଉ ୨୫ ପଇସା ବଢ଼ାଯାଇ ଏହାକୁ ଦୁଇଟଙ୍କା ପଚାଶ ପଇସା କରାଯାଇଥିଲା। ସେ ସମୟରେ ସମାଜର ପ୍ରତି ଖଣ୍ଡର ମୂଲ୍ୟ ଥିଲା ପାଞ୍ଚ ପଇସା। ସମାଜ ସେ ସମୟରେ ଆଠପୃଷ୍ଠାର କଳାଧଳା ଭାବେ ପ୍ରକାଶିତ ହେଉଥିଲା। ଏହାପରେ ୧୯୨୭ ମସିହା ନଭେମ୍ବର ୧୩ ତାରିଖରୁ ସମାଜର ଦ୍ୱିତୀୟ ପୃଷ୍ଠାରେ ସମ୍ପାଦକୀୟ ସ୍ତମ୍ଭ ଆରମ୍ଭ ହୋଇଥିଲା ଏବଂ ଏହାରି ତଳେ ଥିଲା ‘ସମ୍ବାଦ’ ଓ ‘ସଂକେତ’ ସ୍ତମ୍ଭ।

୧୯୩୮-୩୯ ମସିହାରେ ବିଶ୍ୱନାଥ ଦାଶ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କରି ସରକାର ବକ୍ସି ବଜାରରେ ଖଣ୍ଡିଏ ଜମି ସମାଜ ପାଇଁ ପ୍ରଦାନ କରିଥିଲେ। ୧୯୩୦ରୁ ଭାରତ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ଅର୍ଥାତ୍ ୧୯୪୭ ପର୍ଯ୍ୟନ୍ତ ସମାଜ ଖବର କାଗଜ ଅନେକ ଘାତ ପ୍ରତିଘାତ ଦେଇ ଛପା ଯାଉଥିଲା। ୧୯୨୭ ଜୁନ ୨୮ ତାରିଖରେ ପୁରୀରୁ ସମାଜର ଛାପାଖାନା କଟକ ନିମଚୌଡ଼ି ଛକର ଏକ ଭଡ଼ା ଘରକୁ ଉଠି ଆସିଲା। ୧୯୨୮ ଜୁନ ୧୭ ତାରିଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣ ହୋଇଥିଲା। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶେଷ ଇଚ୍ଛା ପତ୍ର ଅନୁସାରେ ସମାଜ ଓ ସତ୍ୟବାଦୀ ପ୍ରେସ ଲାଲାଜୀଙ୍କ ପରିଚାଳନାରେ ଲୋକ ସେବକ ମଣ୍ଡଳ ଦାୟିତ୍ୱରେ ଟ୍ରଷ୍ଟ ରୂପେ ଦିଆଗଲା। ରାଧାନାଥ ରଥ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ମିଶ୍ର କିଛି କାଳ ସମାଜର ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ ପରେ ପଣ୍ଡିତ ଲିଙ୍ଗରାଜ ଏହାର ସମ୍ପାଦକ ହେଲେ। ଓଡ଼ିଶାରେ ଗାନ୍ଧିଜୀଙ୍କ ସ୍ମରଣୀୟ ଦାଣ୍ଡି ଯାତ୍ରା ସମୟରେ ଅର୍ଥାତ୍ ୧୯୩୦ ମସିହାରେ ସମାଜ ଦୈନିକ ଖବର କାଗଜ ଭାବେ ପ୍ରକାଶ ପାଇଲା। କଟକ ନିମଚୌଡ଼ି ଭଡ଼ାଘରେ ଥିବା ସମାଜ ଛାପାଖାନା ବକ୍ସି ବଜାରର ନୂଆ ଘରକୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିନ ଅର୍ଥାତ୍ ୧୯୫୭ ମସିହା ଜୁଲାଇ ୮ ତାରିଖକୁ ଉଠିଆସିଲା। ପରବର୍ତ୍ତୀ ସମୟରେ ୧୯୬୯ ମସିହାରେ ସମାଜ ପଚାଶ ବର୍ଷରେ ପହଞ୍ଚିବା ପରେ ସେହି ବର୍ଷ ଅକ୍ଟୋବର ୧୪ ତାରିଖରେ ଏକ ମନୋଟାଇପ ମେସିନ ସମାଜ ପାଇଁ କିଣା ଯାଇଥିଲା। ଏହାକୁ ଓଡ଼ିଶା ମୁଦ୍ରଣ ଶିଳ୍ପରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିଥିଲା। ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରଲୋକ ପରେ ତାଙ୍କ ପୁତ୍ର ଡାକ୍ତର ବିକ୍ରମ ଦାସ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠିତ ନବଭାରତ ପ୍ରେସକୁ ଲୋକ ସେବକ ମଣ୍ଡଳ ହାତରେ ୧୯୬୪ ମସିହା ଅଗଷ୍ଟ ୪ ତାରିଖରେ ଦାନ କରିଦେଇଥିଲେ। ସମାଜ ଏକ ଖବର କାଗଜ ସହିତ ଏକ ବିଶାଳ ଦ୍ରୁମ ସଦୃଶ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାସିକ ଛାତ୍ରବୃତ୍ତି ଦାନ ସହ ବନ୍ୟା, ଦୁର୍ଭିକ୍ଷ ପ୍ରପୀଡ଼ିତ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓ ରୋଗୀ ମାନଙ୍କୁ ସାହାଯ୍ୟ ମଧ୍ୟ କରୁଛି।

ଶତାୟୁ ସମାଜର ମୂଳକ୍ଷେତ୍ର ଥିଲା ପଣ୍ଡିତ ଗୋପବନ୍ଧୁଙ୍କ ସାଧନା ପୀଠ ସାକ୍ଷୀଗୋପାଳର ବକୁଳ ବନ। ୧୯୨୪ ମସିହା ଡିସେମ୍ବର ୨୦ ତାରିଖରେ ସାକ୍ଷୀଗୋପାଳ ଠାରେ ସମାଜର ଶେଷ ସଂଖ୍ୟା ଛପା ହୋଇଥିଲା। ସୂଚନାଥାଉକି ୧୯୧୪ ଅକ୍ଟୋବର ୪ ତାରିଖ ଶନିବାର ଦିନ ସ୍ମରଣୀୟ ବିଜୟା ଦଶମୀ ଦଶହରା ଦିନ ସତ୍ୟବାଦୀର ଗୁପ୍ତ ବୃନ୍ଦାବନ ନାମରେ କୁହାଯାଉଥିଲା ଛୁରା ଅନା ବକୁଳ ବନର ଏକ ଛୋଟିଆ ଚାଳ ଘର ଭିତରେ ହିଁ କ୍ରାଉନ ଚାରି ପୃଷ୍ଠାର ଛୋଟିଆ ସମ୍ବାଦ ପତ୍ର ‘ସମାଜ’ ଆତ୍ମ ପ୍ରକାଶ କରିଥିଲା। ପୁରୁଣା ହ୍ୟାଣ୍ଡ ପ୍ରେସରେ ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପାଦନାରେ ଏହାର ମୂଲ୍ୟଥିଲା ଏକ ପଇସା। ସେତେବେଳେ ୬୪ ପଇସାରେ ଗୋଟିଏ ଟଙ୍କା ହେଉଥିଲା। ସେ ସମୟରେ ସବୁଆଡ଼େ ପଣ୍ଡିତ ଗୋପବନ୍ଧୁଙ୍କ ସରଳ ଓ ହୃଦୟସ୍ପର୍ଶୀ ଲେଖା ଲୋକମାନଙ୍କ ଭିତରେ ନବଜାଗରଣ ସୃଷ୍ଟି କରିଥିଲା। ପରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ହୋଇଥିଲା ଏକ ପ୍ରକାର ମୁଖପତ୍ର। ସେ ସମୟରେ ସତ୍ୟବାଦୀ ତ୍ରିପାଠୀ ଥିଲେ ସମାଜ ଛପା ଯାଉଥିବା ସତ୍ୟବାଦୀ ପ୍ରେସର ପରିଚାଳକ। ପୁଣ୍ୟାତ୍ମା ଓଡ଼ିଶାର ପ୍ରିୟ ଦାସେ ଆପଣେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଖବର କାଗଜ ‘ସମାଜ’ ନୈତିକତାର ମୂଳଦୁଆରେ ଦଣ୍ଡାୟମାନ। ଏହାର ସମ୍ବଳ ହେଉଛି ସତ୍ୟନିଷ୍ଠତା, ନିରପେକ୍ଷତା ବିଶ୍ୱସନୀୟତା, ସେବା ଓ ସ୍ୱାଭିମାନ ବି ଏହାର ବଳିଷ୍ଠ ଉତ୍ସ। ଅନ୍ୟାୟ, ଅନୀତି ଆଗରେ ସାଲିସ କରିନି ବରଂ ସ୍ୱର ଉତ୍ତୋଳନ କରିଛି। ସେବାକୁ ବ୍ରତ କରି ଓଡ଼ିଶାର ସର୍ବପ୍ରଥମ ଶତାୟୁ ଖବର କାଗଜ ଭାବେ ଆଜି ୧୦୭ ବର୍ଷ ପୂରଣ କରିଛି ଏହି ଦୈନିକ ‘ସମାଜ’। ଏହି ଶତାୟୁ ଅନୁଷ୍ଠାନ ଏହାର ପ୍ରତିଷ୍ଠାତା ଦାସେ ଆପଣେ ଓ ଏହାର କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଓ ପ୍ରଣାମ।

ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ସାମରିକ ଶକ୍ତି

ବର୍ତ୍ତମାନ, କିଛି ବିଜ୍ଞ ବ୍ୟକ୍ତି, ବେତନ ଓ ପେନସନରେ ମାତ୍ରାଧିକ ଅର୍ଥ ବ୍ୟୟକୁ ନାପସନ୍ଦ କରି ସାମରିକ ବାହିନୀର କଳେବର ହ୍ରାସ କରିବା ଲାଗି ଯୁକ୍ତି ଉପସ୍ଥାପନ କରିବାରେ ଲାଗିଛନ୍ତି। ଦେଶର ସୁରକ୍ଷା ଲାଗି ଅର୍ଥ ବ୍ୟୟ କରିବାକୁ ବିମୁଖ ନେହରୁ, ୧୯୬୨ ମସିହା ପୂର୍ବରୁ, ନିରୀହ ସ୍ୱପ୍ନ ବିଳାସୀ ଥିଲେ ବୋଲି କୁହାଯାଇପାରିବ। କିନ୍ତୁ, ସାଂପ୍ରତିକ ବାସ୍ତବତା ସହିତ ପରିଚିତ ଯେଉଁମାନେ ରାଷ୍ଟ୍ର ସୁରକ୍ଷା ଜନିତ ବ୍ୟୟକୁ ନଇ ପ୍ରଶ୍ନ ଉଠାନ୍ତି, ସେମାନେ କେବଳ ବୋଧଶୂନ୍ୟ ଅବିମୃଶ୍ୟକାରିତା ପ୍ରଦର୍ଶନ କରନ୍ତି ! ଆଉ ମାତ୍ର ଅଳ୍ପ କେଇ ଦିନ ଭିତରେ ପ୍ରଥମ ଅଗ୍ନିବୀରମାନେ, ସେମାନଙ୍କ ଚାରି ବର୍ଷର ନିଘଞ୍ଚ ସାମରିକ ପ୍ରଶିକ୍ଷଣ ସମାପ୍ତ କରି ବୃତ୍ତିଗତ ଜୀବନ ଆଡ଼କୁ ଅଗ୍ରସର ହେବାକୁ ବସିଥିବା ବେଳେ କେନ୍ଦ୍ର କ୍ୟାବିନେଟର ଏକ ନିଷ୍ପତ୍ତି ସେମାନଙ୍କ ସକାଶେ ସୁଖଦ ସମାଚାର ହୋଇଥିବା ନିଶ୍ଚିତ। କହିବା ଅନାବଶ୍ୟକ ଯେ ସଂପ୍ରତି ଏହାକୁ ନେଇ ଲୋକକ୍ଷେତ୍ର ଆଲୋଚନାମୁଖର ହୋଇ ଉଠିଛି। ଏହା ସୁବିଦିତ ଯେ ସୈନିକ ନିଯୁକ୍ତି କ୍ଷେତ୍ରରେ ଏକ ମୌଳିକ ସଂସ୍କାର ସ୍ୱରୂପ ୨୦୨୨ ମସିହାରେ ଯଦିଓ ‘ଅଗ୍ନିପଥ’ ସ୍କିମର ପ୍ରବର୍ତ୍ତନ କରାଯାଇଥିଲା, ଏହାକୁ ନେଇ ଉଭୟ ଜନମତ ଓ ବିଶାରଦଙ୍କ ବିଚାର ବିଭାଜିତ ହୋଇ ଉଠିଥିଲା। ସେହି ଦୃଷ୍ଟିରୁ ଏହି ନୂତନ ନିଷ୍ପତ୍ତି ହେତୁ ତା’ର ଯେଉଁ ନୂଆ ପଥ ଉଦ୍‌ଘାଟିତ ହୋଇଛି, ସେ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପାଠକପାଠିକାମାନଙ୍କ ସ୍ମୃତିକୁ ସତେଜ କରିବା ଲାଗି ‘ଅଗ୍ନିପଥ’ ସ୍କିମର ପ୍ରଚଳନ ଓ ତାକୁ ଘେରି ରହିଥିବା ବିବାଦ ଉପରେ କ୍ଷିପ୍ର ଦୃଷ୍ଟିପାତ କରାଯାଇପାରେ। ଏହି ବ୍ୟବସ୍ଥା ଅନୁଯାୟୀ ସାଢେ ସତର ବର୍ଷରୁ ଏକୋଇଶ ବର୍ଷ ବୟସ ମଧ୍ୟରେ ଥିବା ତରୁଣ-ତରୁଣୀ ବର୍ଗ ଅଗ୍ନିବୀର ଭାବେ ସାମରିକ ନିଯୁକ୍ତି କ୍ଷେତ୍ରକୁ ପ୍ରବେଶ କରିବେ; ଚାରି ବର୍ଷର ପ୍ରଶିକ୍ଷଣ ପରେ ସେମାନଙ୍କ ମଧ୍ୟରୁ ସର୍ବୋତ୍ତମ ଏକ-ଚତୁର୍ଥାଂଶ ସାମରିକ ବାହିନୀରେ ନିଯୁକ୍ତି ପାଇବେ; ଅବଶିଷ୍ଟ ତିନି-ଚତୁର୍ଥାଂଶ, ପ୍ରାୟ ୧୧ ଲକ୍ଷ ଟଙ୍କାର ଏକକାଳୀନ ଭରଣା ରାଶି (ସେବା ନିଧି ପ୍ୟାକେଜ) ସହିତ ସାଧାରଣ ଜୀବନକୁ ପ୍ରତ୍ୟାବର୍ତ୍ତନ କରିବେ। ପ୍ରକାଶ ଥାଉ କି ସେମାନେ ପାଉଥିବା ଏହି ରାଶିରେ ଅନ୍ତର୍ଭୁକ୍ତ ସେମାନଙ୍କ ବେତନ (ମାସିକ ୨୧ ହଜାର ଟଙ୍କା)ର ଏକ ଅଂଶ ସହିତ ସରକାରଙ୍କ ସମ ପରିମାଣର ଯୋଗଦାନ। ଏଭଳି ସଂସ୍କାର ପରିପ୍ରେକ୍ଷୀରେ ସରକାରଙ୍କ ତର୍କ ତ୍ରିବିଧ: ସୈନ୍ୟ ବଳକୁ ଅଯଥା ସ୍ଫୀତ ହେବାକୁ ନ ଦେବା, ସୈନିକମାନଙ୍କ ହାରାହାରି ବୟସକୁ କମ୍ ରଖିବା ଏବଂ ରାଜକୋଷ ଉପରେ ପେନସନର ବୋଝକୁ ଲାଘବ କରିବା। ସରକାରଙ୍କ ବିବେଚନାରେ କଠୋର ସାମରିକ ପ୍ରଶିକ୍ଷଣ ଦ୍ୱାରା ଶୃଙ୍ଖଳିତ ଏହି ତରୁଣ ବର୍ଗ ସାଧାରଣ ଜୀବନରେ ବିଭିନ୍ନ କ୍ଷେତ୍ରରେ ବୃତ୍ତିଗତ ପାରଦର୍ଶିତା ପ୍ରଦର୍ଶନ କରିପାରିବେ, ଯହିଁରେ ବିଦାୟକାଳୀନ ଅର୍ଥରାଶି ସେମାନଙ୍କ ସକାଶେ ପ୍ରୋତ୍ସାହନମୂଳକ ମଧ୍ୟ ହେବ। କିନ୍ତୁ ଏହାର ସମାଲୋଚନାମୂଳକ ଯୁକ୍ତି ହେଲା ଏହା ଯେ ଏତଦ୍ଦ୍ୱାରା ବଳିଷ୍ଠ ଭାରତୀୟ ସାମରିକ ପରଂପରା ଅବମାନନାର ଶରବ୍ୟ ହୋଇଥାଏ, କାରଣ ରାଷ୍ଟ୍ର ହିତରେ ଚରମ ବଳିଦାନକୁ ଜୀବନର ବ୍ରତ କରିବାକୁ ପ୍ରସ୍ତୁତ ହେଉଥିବା ତରୁଣମାନଙ୍କ ସକାଶେ ଏହା ଏକ ଅଧାପନ୍ତରିଆ ଓ ଅଙ୍ଗୀକାରଶୂନ୍ୟ ବ୍ୟବସ୍ଥା। ସମାଲୋଚକଙ୍କ ଉଦ୍‌ବେଗ ଯେ ସାମରିକ କୌଶଳ ଓ ଶସ୍ତ୍ର ଚାଳନାରେ ଦକ୍ଷ ତରୁଣଗଣ, ସାଧାରଣ ଜୀବନରେ ବିଫଳ ଓ ହତାଶ ହେଲେ, ବିଭିନ୍ନ ଅପଶକ୍ତିମାନଙ୍କ ଦ୍ୱାରା ଅପବ୍ୟବହୃତ ହେବେ ନାହିଁ ତ କେବଳ ସେତିକି ନୁହେଁ, ପ୍ରତ୍ୟେକ ବର୍ଷ ନିୟମିତ ସାମରିକ ନିଯୁକ୍ତି ହିଁ ହଜାର ହଜାର ତରୁଣଙ୍କ ସକାଶେ ସୁରକ୍ଷିତ ବୃତ୍ତିଗତ ସୁଯୋଗର ଦ୍ୱାର ଖୋଲି ଦେଇଥାଏ। ସେହି ଦୃଷ୍ଟିରୁ ପ୍ରଥମ ଦଫାର ‘ଅଗ୍ନିବୀର’ ପ୍ରଶିକ୍ଷଣ ସମାପ୍ତ ହେବା ପରେ ହୁଏତ ‘ଅଗ୍ନିପଥ’ ସ୍କିମର ଫଳପ୍ରଦତା ବାସ୍ତବ ପରୀକ୍ଷାର ସମ୍ମୁଖୀନ ହୋଇଥାଆନ୍ତା, ଯାହା ଏହି ନୂତନ ନିଷ୍ପତ୍ତି ହେତୁ ଆପାତତଃ ଟଳି ଯାଇଛି।

ମୂଳ ଅଗ୍ନିପଥ ସ୍କିମ ଅନୁସାରେ, ପ୍ରଶିକ୍ଷଣ ପରେ ସାମାରିକ ବାହିନୀରେ ଯୋଗ ଦେଇ ପାରୁ ନ ଥିବା ତିନି-ଚତୁର୍ଥାଂଶ ଅଗ୍ନିବୀର, ଏହି ନୂତନ ନିଷ୍ପତ୍ତି ପରେ, ଏକ ବର୍ଦ୍ଧିତ ବେତନ (ମାସିକ ୪୭ ହଜାର ଟଙ୍କା) ସହିତ ଅତିରିକ୍ତ ଦୁଇ ବର୍ଷ ସକାଶେ କାର୍ଯ୍ୟ ନିୟୋଜିତ ହେବେ। ଏହି ଅବଧିର ସମାପ୍ତି ପରେ ସେମାନଙ୍କ ଆଗ୍ରହ ଏବଂ ନିଯୁକ୍ତି ସର୍ତ୍ତମାନ ପୂରଣ କରିବାର ସାମର୍ଥ୍ୟ ଆଧାରରେ ସେମାନେ ନିୟମିତ ସୈନିକ ରୂପେ ନିଯୁକ୍ତି ପାଇବେ; ଅର୍ଥାତ୍, ସମସ୍ତ ଅଗ୍ନିବୀରଙ୍କ ସକାଶେ ଜଣେ ନିୟମିତ ସୈନିକ ହୋଇପାରିବାର ଦ୍ୱାର ଉନ୍ମୁକ୍ତ ହୋଇଛି। ଏଭଳି ସ୍ଥଳେ ଏକ ଧାରଣା ମଧ୍ୟ ଉତ୍‌ପନ୍ନ ହୋଇଥାଏ ଯେ ‘ଜେନ ଜି’ ବର୍ଗକୁ ତୁଷ୍ଟ କରିବାକୁ ସରକାର ଏଭଳି ଏକ ପରିବର୍ତ୍ତନ ଆଣିଲେ କି କିନ୍ତୁ, ‘ଚିଫ ଅଫ ଡିଫେନ୍ସ ଷ୍ଟାଫ’ ବା ‘ସି.ଡି.ଏସ.’ ଏନ.ଏସ. ରାଜା ସୁବ୍ରମଣି ସ୍ପଷ୍ଟ କରିଛନ୍ତି ଯେ ‘ଅଗ୍ନିପଥ’ ସ୍କିମ ପ୍ରଚଳନ ହେବା ପରଠାରୁ, ତାକୁ ନିଖୁଣ କରିବା ସକାଶେ, ତୀକ୍ଷ୍ଣ ନଜର ତଳେ ଥିଲା। ଏବଂ ଏହି କ୍ରମରେ ଯାହା ଦେଖିବାକୁ ମିଳିଛି ତାହା ହେଲା ପ୍ରଶିକ୍ଷଣ କାଳରେ ସମସ୍ତ ଅଗ୍ନିବୀର ଚିତ୍ତାକର୍ଷକ ପ୍ରଦର୍ଶନ କରିଛନ୍ତି; ଯଦ୍ଦ୍ୱାରା ସେମାନଙ୍କ ସକାଶେ ନୂତନ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ପଡ଼ିଛି। ଏହା, ହୁଏତ, ସତ ଯେ ସର୍ବୋତ୍ତମ ୨୫%ଙ୍କ ମଧ୍ୟରେ ରହିବା ଲାଗି ଅଗ୍ନିବୀରମାନଙ୍କ ପ୍ରାଣମୂତ୍ରଚ୍ଛା ଉଦ୍ୟମ ହେତୁ ସେମାନଙ୍କ ଦକ୍ଷତା ଉଚ୍ଚକୋଟୀ ସ୍ପର୍ଶ କରିଥିବ ! ତେବେ, ସେ ଯାହା ହେଉ, ଏହି କାରଣରୁ ‘ଅଗ୍ନିପଥ’ ସ୍କିମ ଏକ ସମୟୋପଯୋଗୀ ରୂପାନ୍ତର ଦେଇ ଗତି କରିବା ମଧ୍ୟ ଏକ ସୁସମ୍ବାଦ ନିଶ୍ଚୟ ! ଅବଶ୍ୟ, ଅନେକ କହି ପାରନ୍ତି ଯ ଡ୍ରୋନ, ଏ.ଆଇ. ଓ ସାଇବର ପ୍ରଯୁକ୍ତିର ପ୍ରଚଳନ ପରେ ସାଂପ୍ରତିକ ଯୁଦ୍ଧର ରୂପରେଖ ଯାହା ହେଲାଣି, ତହିଁରେ ଏକ ବିଶାଳ ସୈନ୍ୟବାହିନୀ ଏକ ବୋଝ ସଦୃଶ ହୋଇଥାଏ। ସାମରିକ ବାହି

ଆଞ୍ଚଳିକ ସମୟ

ଗୁରୁବାର,୧୨ ନଭେମ୍ବର ୨୦୨୬, ଭୁବନେଶ୍ୱର Thursday,12 November 2026, Bhubaneswar



ପରମାଣୁ ସୂଚନା ପାଇଁ ଆମେରିକାର ୨୦ ମିଲିୟନ ଡଲାର ପୁରସ୍କାର ଘୋଷଣା

ଜାତିସଂଘ,ଆଇଏଇଏକୁ ନିନ୍ଦା କରିବାକୁ ଅନୁରୋଧ କଲା ଇରାନ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇଁ ୨୦ ନିୟୁତ ଡଲାର ପର୍ଯ୍ୟନ୍ତ ଆମେରିକାର ପୁରସ୍କାର ଘୋଷଣାକୁ ନିନ୍ଦା କରିବାକୁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଜାତିସଂଘ ଏବଂ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)କୁ ଅନୁରୋଧ କରି ଚେତାବନୀ ଦେଇଛନ୍ତି ଯେ, ଏହି ପଦକ୍ଷେପ ଦେଶର ପରମାଣୁ ପ୍ରତିଷ୍ଠାନ ଏବଂ ବୈଜ୍ଞାନିକମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଇରାନର ସରକାରୀ ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ, ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରୋସିଙ୍କୁ ଲେଖିଥିବା ଏକ ଚିଠିରେ ଆରାଘଚି ଏହି ଘୋଷଣାକୁ ଘୃଣ୍ୟ ବୋଲି ବର୍ଣ୍ଣନା କରି ଏହାକୁ କଡ଼ା ସ୍ୱରରେ ନିନ୍ଦା କରିବାକୁ ଅନୁରୋଧ କରିଛନ୍ତି।ସେ କହିଛନ୍ତି ଯେ, ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟର ରିୱାର୍ଡସ ଫର୍ ଜଷ୍ଟିସ୍ ପ୍ରୋଗ୍ରାମ ମାଧ୍ୟମରେ ଘୋଷଣା କରାଯାଇଥିବା



ଏବଂ ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ଦ୍ୱାରା ପୁନଃପ୍ରକାଶିତ ଏହି ପ୍ରସ୍ତାବରେ ପରମାଣୁ ପ୍ରତିଷ୍ଠାନ, ଉପକରଣ, ବୈଜ୍ଞାନିକ ଏବଂ କର୍ମଚାରୀଙ୍କ ବିଷୟରେ ସୂଚନା ଲୋଡ଼ାଯାଇଥିଲା ଏବଂ ସୂଚନା ପ୍ରଦାନକାରୀଙ୍କର ସୁରକ୍ଷିତ ସମ୍ଭାବ୍ୟ ସ୍ଥାନାନ୍ତର ପାଇଁ କୁହାଯାଇଥିଲା। ସେ ୱାଶିଂଟନ ଉପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିରୋଧରେ ଗୁପ୍ତଚରମାନଙ୍କୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରି ଚେତାବନୀ ଦେଇଛନ୍ତି ଯେ, ଏଭଳି ପଦକ୍ଷେପ ପରମାଣୁ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ହତ୍ୟା, ଅନ୍ତର୍ଘାତ ଏବଂ ଅନ୍ୟାନ୍ୟ ସୁରକ୍ଷା ବିପଦର ସମ୍ମୁଖୀନ କରିପାରେ। ଆରାଘଚି ଯୁକ୍ତି ଦେଇଛନ୍ତି ଯେ, ଆଇଏଏଏ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ପରମାଣୁ ପ୍ରତିଷ୍ଠାନ ବିଷୟରେ ଗୋପନୀୟ ସୂଚନାକୁ ସୁରକ୍ଷିତ ରଖିବା, ଗୁପ୍ତଚର ଉଦ୍ଦେଶ୍ୟରେ ଏହାର ଅପବ୍ୟବହାରକୁ ରୋକିବା ଏବଂ ଆଇଏଏଏ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ସମ୍ମୁଖରେ ମାମଲା ଆଣିବାକୁ ଅନୁରୋଧ କରିଛନ୍ତି।

ବ୍ୟାଟେରି ବର୍ଜ୍ୟବସ୍ତୁ ରପ୍ତାନି ନିଷିଦ୍ଧ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦେଶରେ ବ୍ୟାଟେରି ପୁନଃଚକ୍ରଣ ଶିଳ୍ପକୁ ଅଧିକ ସୁଦୃଢ଼ କରିବା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦର ସଂରକ୍ଷଣ ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବ୍ୟବହାର ଅନୁପଯୋଗୀ ହୋଇଯାଇଥିବା କିଛି ପ୍ରକାର ବ୍ୟାଟେରିର ଅବର୍ଜନା ଓ ସ୍କ୍ରାପ୍ ରପ୍ତାନି ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି। ଏଥିରେ ଲିଥିୟମ୍-ଆୟନ ବ୍ୟାଟେରିରୁ ମିଳୁଥିବା ବ୍ଲାକ୍ ମାସ୍ ସାମିଲ ରହିଛି। ତୁରନ୍ତ ଏହି ନିଷ୍ପତ୍ତି ଲାଗୁ ହୋଇଛି। ପୁରୁଣା ଲିଥିୟମ୍-ଆୟନ ବ୍ୟାଟେରିକୁ ଭାଙ୍ଗି ଓ ଗୁଣ୍ଡ କରିବା ପରେ ଯେଉଁ କଳା ରଙ୍ଗର ଗୁଣ୍ଡ ମିଳେ ତାହାକୁ ବ୍ଲାକ୍ ମାସ୍ କୁହାଯାଏ। ଏଥିରେ ଲିଥିୟମ୍, କୋବାଲ୍ଟ ଓ ନିକେଲ୍ ଭଳି ମୂଲ୍ୟବାନ ଖଣିଜ ପଦାର୍ଥ ରହିଛି। ଏହି ଖଣିଜଗୁଡ଼ିକୁ ପୁନରୁଦ୍ଧାର କରି ନୂଆ ବ୍ୟାଟେରି ତିଆରିରେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନସ୍থ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍ଟି) ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଛି। ଏହା ଅନୁଯାୟୀ, ପ୍ରାଥମିକ ସେଲ୍, ବ୍ୟାଟେରି ଓ ଇଲେକ୍ଟ୍ରିକ୍ ଆକ୍ୟୁମୁଲେଟରର ବ୍ୟବହୃତ ଅବର୍ଜନା ଓ ସ୍କ୍ରାପ୍ ରପ୍ତାନି ନୀତିରେ ପରିବର୍ତ୍ତନ କରାଯାଇଛି। ଏହି ବର୍ଜ୍ୟବସ୍ତୁରେ ସୀସା, କ୍ୟାଡ୍ମିୟମ୍ ଓ ମର୍କ୍ୟୁରି ନଥିବା ସର୍ତ୍ତରେ ଏହାକୁ ରପ୍ତାନି କରିବା ପାଇଁ ପୂର୍ବରୁ ଅନୁମତି ଥିଲା। ଏବେ ଏହାକୁ ନିଷିଦ୍ଧ ବର୍ଗକୁ ପରିବର୍ତ୍ତନ



କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।ଇଲେକ୍ଟ୍ରିକ୍ ଯାନ (ଇଭି), ସ୍ମାର୍ଟଫୋନ ଓ ଶକ୍ତି ସଂରକ୍ଷଣ ବ୍ୟବସ୍ଥାରେ ଲିଥିୟମ୍-ଆୟନ ବ୍ୟାଟେରି ବ୍ୟବହାର ହୋଇଥାଏ। ଏହି ବ୍ୟାଟେରିଗୁଡ଼ିକର ଚାହିଦା ବଢ଼ିବା ସହ ଏଥିରୁ ମିଳୁଥିବା ଖଣିଜ ପଦାର୍ଥର ଗୁରୁତ୍ୱ ମଧ୍ୟ ବଢ଼ିଛି। ତେଣୁ ପୁରୁଣା ବ୍ୟାଟେରିରୁ ମୂଲ୍ୟବାନ ଖଣିଜ ପଦାର୍ଥ ବାହାର କରିବା ଭାରତ ପାଇଁ ଏକ ବଡ଼ ଶିଳ୍ପ ସୁଯୋଗ ଭାବେ ଦେଖାଦେଇଛି। ଭାରତରେ ବର୍ତ୍ତମାନ ବ୍ଲାକ୍ ମାସ୍‌ରୁ ଲିଥିୟମ୍, କୋବାଲ୍ଟ ଓ ନିକେଲ୍ ଭଳି ଖଣିଜ ପଦାର୍ଥ ବାହାର କରିବାର କ୍ଷମତା ସୀମିତ ରହିଛି। ଫଳରେ କିଛି ପରିମାଣର ବ୍ୟାଟେରି ବର୍ଜ୍ୟବସ୍ତୁରୁ ମୂଲ୍ୟବାନ ଖଣିଜ ପଦାର୍ଥ ପୁନରୁଦ୍ଧାର ନକରି ବିଦେଶକୁ ରପ୍ତାନି କରାଯାଉଥିଲା। ଏହାଦ୍ୱାରା ଦେଶ ନିଜର ମୂଲ୍ୟବାନ ସମ୍ପଦ ହରାଉଥିବା ସରକାର ଅନୁଭବ କରିଛନ୍ତି। ଏହି କଟକଣା ଦ୍ୱାରା ଦେଶ ମଧ୍ୟରେ ବ୍ୟାଟେରି ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଓ ଖଣିଜ ପୁନରୁଦ୍ଧାର ଶିଳ୍ପର ବିକାଶ ହେବ ବୋଲି ଆଶା କରାଯାଉଛି। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ସେପ୍ଟେମ୍ବରରେ ୧,୫୦୦ କୋଟି ଟଙ୍କାର ଏକ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଥିଲେ।

ସିଆରପିଏଫ୍ ପାଟ୍ରୋଲିଂ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀରର କୁଲଗାମରେ ଆତଙ୍କବାଦୀ ଆକ୍ରମଣରେ ୩ ଜଣ ସିଆରପିଏଫ୍ ଯବାନ ଆହତ ହୋଇଛନ୍ତି। କୁଲଗାମର ଅଖରାନ ନିକଟରେ ଆତଙ୍କବାଦୀମାନେ ସିଆରପିଏଫ୍ ଯବାନଙ୍କ ଉପରେ ଗୁଳି ଚଳାଇଥିଲେ। ଆତଙ୍କବାଦୀମାନେ ବାଇକ୍‌ରେ ଆସି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତିନି ଜଣ ସିଆରପିଏଫ୍ ଯବାନଙ୍କ ଉପରେ ଗୁଳି ବାଜିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଆକ୍ରମଣ ପରେ ସିଆରପିଏଫ୍ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଓ ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। କ୍ୱିକ୍ ରିଆକ୍ସନ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆକ୍ରମଣକାରୀ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି।

କୋଲକାତା ବିମାନବନ୍ଦରରେ ଅପହରଣ ଧମକ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ପଶ୍ଚିମବଙ୍ଗର କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ସକାଳେ ହଇଚଇ ସୃଷ୍ଟି ହୋଇଛି। ମୁମ୍ବାଇ ଯିବାକୁ ଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଅପହରଣ କରିବାର ଧମକ ମିଳିଥିବା ଖବର ପରେ ଆତଙ୍କ ଖେଳିଯାଇଛି। ବିମାନର ଶୌଚାଳୟରେ ଥିବା ଦର୍ପଣ ଉପରେ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଥିବା ଦେଖିବାକୁ ମିଳିଥିଲା। ଏହାପରେ ପାଇଲଟ୍ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି)କୁ ସୂଚନା ଦେଇଥିଲେ। ଖବର ପାଇ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଥିଲେ। ବିମାନକୁ ଆଇସୋଲେସନ୍ ବେ'କୁ ନିଆଯାଇ ଯାଞ୍ଚ ଆରମ୍ଭ କରାଯାଇଛି।ସୂଚନା ଅନୁସାରେ, ଏୟାର ଇଣ୍ଡିଆର ଏହି ବିମାନଟି ମୁମ୍ବାଇ ଅଭିମୁଖେ ଉଡ଼ିବାକୁ ପ୍ରସ୍ତୁତ ହେଉଥିଲା। ଏହି ସମୟରେ ବିମାନର ଶୌଚାଳୟରେ ଲାଗିଥିବା ଦର୍ପଣ ଉପରେ ହାଇଜାକ୍ ସମ୍ପର୍କିତ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଥିବା ଜଣାପଡ଼ିଥିଲା। ଘଟଣାର ଗମ୍ଭୀରତାକୁ ଦେଖି ପାଇଲଟ୍ ତୁରନ୍ତ ଏଟିସିକୁ ଅବଗତ କରାଇଥିଲେ। ଏହାପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।ଧମକ ମିଳିବା ପରେ ବିମାନକୁ ଆଇସୋଲେସନ୍ ବେ'କୁ ନିଆଯାଇଥିଲା। ସେଠାରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍) ଏବଂ ବିମାନବନ୍ଦରର ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀମାନେ ତଲାସି ଅଭିଯାନ ଆରମ୍ଭ କରିଥିଲେ। ବିମାନ ଭିତରେ କୌଣସି ସନ୍ଦେହଜନକ ଜିନିଷ ଅଛି କି ନାହିଁ, ସେନେଇ ଯାଞ୍ଚ କରାଯାଉଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସମସ୍ତ ସତର୍କତା ଅବଲମ୍ବନ କରି ତଦନ୍ତ ଚଳାଇଛନ୍ତି ।ବିମାନର ଶୌଚାଳୟ ଦର୍ପଣରେ ଧମକପୂର୍ଣ୍ଣ ବାର୍ତ୍ତା କିଏ ଲେଖିଛି ଏବଂ ଏହା ପଛରେ କାହାର ହାତ ରହିଛି, ସେନେଇ ପୁଲିସ ଓ ସୁରକ୍ଷା ଏଜେନ୍ସି ତଦନ୍ତ ଆରମ୍ଭ କରିଛନ୍ତି।

ମଦର ଡେରି କ୍ଷୀର ୪ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦନ ଓ ବିକ୍ରି କମ୍ପାନି ମଦର ଡେରି କ୍ଷୀର ଦର ବୃଦ୍ଧି କରିଛି। କମ୍ପାନି କ୍ଷୀର ଲିଟର ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ନୂଆ ଦର ଆସନ୍ତାକାଲିଠାରୁ ଲାଗୁ ହେବ। କ୍ଷୀର ସଂଗ୍ରହ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ କମ୍ପାନି ଦର ବଢ଼ାଇଥିଛି। କମ୍ପାନି ନିଜର କ୍ଷୀର ବିକ୍ରିରୁ ମିଳୁଥିବା ଅର୍ଥର ପ୍ରାୟ ୭୫ରୁ ୮୦% ଚାଷୀଙ୍କୁ ପ୍ରଦାନ କରିଥାଏ।ନୂଆ ଦର ଅନୁଯାୟୀ, ଫୁଲ୍ କ୍ରିମ୍ କ୍ଷୀର ଲିଟର ପିଛା ୬୨ ଟଙ୍କାରୁ ବଢ଼ି ୬୬ ଟଙ୍କା ହୋଇଛି। ପ୍ୟାକେଟ୍ ଟୋନ୍ ଡ କ୍ଷୀର ଦର ୬୦ ଟଙ୍କାରୁ ବଢ଼ି ୬୨ ଟଙ୍କା ହୋଇଛି। ସେହିପରି ବଲ୍କ ଟୋନ୍ଡ କ୍ଷୀର ଲିଟର ପିଛା ୫୮ ଟଙ୍କାରୁ ୬୦ ଟଙ୍କା ହୋଇଛି। ଡବଲ୍ ଟୋନ୍ଡ କ୍ଷୀର ଦର ୫୪ ଟଙ୍କାରୁ ବଢ଼ି ୫୬ ଟଙ୍କା ହୋଇଥିବାବେଳେ ଗାଈ କ୍ଷୀର ଦର ୬୨ ଟଙ୍କାରୁ ବଢ଼ି ୬୫ ଟଙ୍କା ହୋଇଛି। ଏହି ଦରବୃଦ୍ଧି ଦିଲ୍ଲୀ-ଏନ୍‌ସିଆର୍ ବଜାର ପାଇଁ ଲାଗୁ କରାଯାଇଛି। ଦେଶବ୍ୟାପୀ କମ୍ପାନିର ଦୈନିକ କ୍ଷୀର ବିକ୍ରି ୫୦ ଲକ୍ଷ ଲିଟରରୁ ଅଧିକ ରହିଛି। ଗତ ମେ' ୧୪ରେ କମ୍ପାନି ଶେଷଥର ପାଇଁ କ୍ଷୀର ଦର ବଢ଼ାଇଥିଲା।

ଆମେରିକା ବିମାନକୁ ପ୍ରବେଶ ମନା କଲା ପାକିସ୍ତାନ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଆମେରିକାରେ ରହୁଥିବା ଇରାନୀ ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ଆରିଜୋନାରୁ ଇରାନୀମାନଙ୍କୁ ନେଇ ଏକ ଆମେରିକୀୟ ନିର୍ବାସନ ବିମାନ ମଝି ଆକାଶରୁ ଫେରି ଯାଇଛି। ଯୋଜନା ଥିଲା ସେମାନଙ୍କୁ ପ୍ରଥମେ ପାକିସ୍ତାନ ଏବଂ ତା'ପରେ ଇରାନକୁ ପଠାଯିବ। କିନ୍ତୁ ପାକିସ୍ତାନ ହଠାତ୍ ସେମାନଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲା। ଫଳସ୍ୱରୂପ ବିମାନକୁ ଆମେରିକାକୁ ଫେରିବାକୁ ପଡିଥିଲା।ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ପରେ, ପାକିସ୍ତାନ ମଧ୍ୟ ଆମେରିକା ପ୍ରତି ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ଆରମ୍ଭ କରିଛି।

ବିମୁଦ୍ରୀକରଣ ବିଶ୍ୱର ସବୁଠାରୁ ବଡ଼ ଦୁର୍ନୀତି ପ୍ରମାଣିତ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ବୁଧବାର ଅନେକ ରାଜନୈତିକ ପ୍ରସଙ୍ଗରେ ବିଜେପିକୁ ଟାର୍ଗେଟ କରିଛନ୍ତି। ବିମୁଦ୍ରୀକରଣର କଥିତ ବାର୍ଷିକୀ ଅବସରରେ ସେ କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଭୋଟର ତାଲିକାରୁ ନାମ ବାଦ୍ ଦେବା, ଅଭିଯୋଗ ହୋଇଥିବା ଭୋଟ ଚୋରି, ବିରୋଧୀ ମେଣ୍ଟ ଏବଂ ତାଙ୍କର ଅଯୋଧ୍ୟା ଗସ୍ତ ବିଷୟରେ ମଧ୍ୟ ଖୋଲାଖୋଲି ଭାବରେ କହିଛନ୍ତି। ଅଖିଳେଶ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି, ବିମୁଦ୍ରୀକରଣ ସମୟରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗୋଟିଏ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ସେ ଅଭିଯୋଗ କରିଛନ୍ତି ଯେ ବିମୁଦ୍ରୀକରଣ ଦେଶର ଇତିହାସରେ ସବୁଠାରୁ ବଡ଼ ଦୁର୍ନୀତି ପ୍ରମାଣିତ ହୋଇଛି। ଏହି ନିଷ୍ପତ୍ତିରୁ ଗରିବ ଏବଂ ଛୋଟ ବ୍ୟବସାୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବିମୁଦ୍ରୀକରଣ ନାମରେ ବ୍ୟାଙ୍କଗୁଡ଼ିକୁ ବୁଡ଼ାଇ ଦିଆଯାଇଥିଲା। ସେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ନେଇ ସରକାରଙ୍କ ଦାବି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଅଖିଳେଶଙ୍କ ଅନୁସାରେ, ଏକ ବିକଶିତ ଭାରତର ଦାବି କେବଳ ଏକ ସ୍ଲୋଗାନ, ଏବଂ ସରକାରଙ୍କ ଦାବି ଏବଂ ଦେଶର ଅର୍ଥନୀତି ସମ୍ପର୍କରେ ଭୂମିଗତ ବାସ୍ତବତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି। ଭୋଟର ତାଲିକାରୁ ବହୁ ସଂଖ୍ୟକ ଲୋକଙ୍କ ନାମ ବାଦ୍ ଦିଆଯିବା ସମ୍ପର୍କରେ ଅଖିଳେଶ ଯାଦବ କହିଛନ୍ତି ଯେ, ରିପୋର୍ଟ କରାଯାଉଥିବା ସଂଖ୍ୟା ପ୍ରାୟ ଏକ କୋଟି ୨୭ ଲକ୍ଷ ନାମ। ସେ କହିଛନ୍ତି, ସମାଜବାଦୀ ପାର୍ଟି ଏ ସମ୍ପର୍କରେ ଅନେକ ପରାମର୍ଶ ଦେଇଛି, ଯାହାକୁ କାର୍ଯ୍ୟକାରୀ କରାଯିବା ଉଚିତ୍। ଭୋଟର



ତାଲିକାକୁ ଆଧାର ସହିତ ସଂଯୋଗ କରାଯାଇ ଭୋଟ ପ୍ରକ୍ରିୟାରେ ଡିଜିଟାଲ୍ ଏବଂ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ସେ ଅଭିଯୋଗ କରିଛନ୍ତି ଯେ, ବିଜେପି ଏହା କରିବାକୁ ଚାହୁଁନାହିଁ କାରଣ ଦଳ ଜାଣେ ଯେ ରାଜନୈତିକ ମୁକାବିଲା ୮୦-୨୦ ନୁହେଁ, ବରଂ ୯୫-୫ ।ସେ ଦଳୀୟ କର୍ମୀମାନଙ୍କୁ ନିର୍ବାଚନ ପ୍ରସ୍ତୁତିରେ ପୂର୍ଣ୍ଣ ପ୍ରୟାସ କରିବାକୁ ମଧ୍ୟ ନିବେଦନ କରିଛନ୍ତି। ଅଖିଳେଶ କହିଛନ୍ତି ଯେ ଦଳୀୟ କର୍ମୀମାନେ ଭୋଟର ତାଲିକା ବଜାୟ ରଖିବାରେ ଭଲ କାମ କରିଛନ୍ତି, କିନ୍ତୁ ଏବେ ପ୍ରକୃତ ଲଢେଇ ବୁଥ୍‌ରେ ଲଢ଼ାଯିବ। ଭୋଟ ଚୋରି ସମ୍ଭାବନାକୁ ରୋକିବା ପାଇଁ ପ୍ରତ୍ୟେକ କର୍ମୀଙ୍କୁ ସେମାନଙ୍କର ବୁଥ୍‌କୁ ମଜବୁତ କରିବାକୁ ପଡିବ ।ଅଖିଳେଶ ଯାଦବ ଲକ୍ଷ୍ନୌରେ ତାଙ୍କ ନାମ ଏବଂ ଫଟୋ ଥିବା ପୋଷ୍ଟରକୁ ନେଇ ମଧ୍ୟ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ଲକ୍ଷ୍ନୌରେ ମୋ ବିଷୟରେ ଅନେକ ପୋଷ୍ଟର ଲାଗିଥିଲା, କିନ୍ତୁ ଏବେ ସେଗୁଡ଼ିକ ଚାଲିଗଲାଣି। ଲାଗୁଛି ବିଜେପି ପାଖରେ ଟଙ୍କା ସରିଗଲାଣି। ସେ ପୋଷ୍ଟର ପଛରେ କାହାଣୀ ତିଆରି କରୁଥିବା ଲୋକଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ ଯଦି ସେମାନଙ୍କ ପାଖରେ କୌଣସି ପ୍ରମାଣ ଅଛି ତେବେ ସେମାନେ ସିସିଟିଭି ଫୁଟେଜ୍ ପ୍ରସ୍ତୁତ କରନ୍ତୁ। ଅଖିଳେଶ ଏହା ମଧ୍ୟ କହିଛନ୍ତି ଯେ ଯେଉଁମାନେ ଏପରି କରୁଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ।ଅଯୋଧ୍ୟା ଗସ୍ତ ସମ୍ପର୍କରେ ଅଖିଳେଶ ଯାଦବ କହିଛନ୍ତି, ଈଶ୍ୱର ସମସ୍ତଙ୍କର, ଏବଂ ବିଭିନ୍ନ ଧର୍ମର ଈଶ୍ୱରଙ୍କୁ ଉପାସନା କରିବାର ଭିନ୍ନ ଭିନ୍ନ ଉପାୟ ଅଛି। ସେ ପ୍ରଶ୍ନ କରିଥିଲେ ଯେ ସେ କାହିଁକି ଅଯୋଧ୍ୟା ଗସ୍ତ କରିବେ ନାହିଁ। ଅଖିଳେଶ କହିଥିଲେ ଯେ ସେ କେଦାରନାଥ ଏବଂ ବୃନ୍ଦାବନ ମଧ୍ୟ ଗସ୍ତ କରିବେ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳ ମଧ୍ୟ ପରିଦର୍ଶନ କରିବେ। ସେ ପଛୁଆ ବର୍ଗ, ଦଳିତ, ଅଳ୍ପସଂଖ୍ୟକ(ପିଡିଏ)ର ନୂତନ ଅର୍ଥ ବ୍ୟାଖ୍ୟା କରି କହିଛନ୍ତି, ଏହାର ଅର୍ଥ ପ୍ରଥମେ ଦର୍ଶନ, ତା'ପରେ ଆଶୀର୍ବାଦ।

ଦିଲ୍ଲୀ-ଏନ୍‌ସିଆର୍‌ରେ ଚିନ୍ତା ବଢ଼ାଇଛି ପ୍ରଦୂଷଣ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ପ୍ରଦୂଷଣ ସମସ୍ୟା ଚିନ୍ତା ବଢାଇ ଚାଲିଛି। ବାୟୁ ଗୁଣବତ୍ତା ହ୍ରାସ ପାଉଥିବାରୁ ଗ୍ରାପ୍ ? (ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍)-୩ କଟକଣା ଲାଗୁ ହୋଇଛି। ତେବେ ଗ୍ରାପ୍ ? -୩ କଟକଣା ସତ୍ତ୍ୱେ ପ୍ରଦଷଣରୁ ଆଶ୍ୱସ୍ତି ମିଳିନାହିଁ।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତଥ୍ୟ ଅନୁଯାୟୀ ବୁଧବାର ସକାଳେ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୯୯ ରହିଥିଲା। ଏହା ଖରାପ ଶ୍ରେଣୀରେ ଆସୁଥିଲା। ଗୁରୁଗ୍ରାମରେ ୨୯୫ ଓ ନୋଏଡାରେ ୨୭୬ ରେକର୍ଡ଼ କରିଯାଇଥିଲା। ରାଜଧାନୀ ବିଭିନ୍ନ ଅଞ୍ଚଳରେ ପ୍ରଦୂଷ



ଆଇସିଆଇସିଆଇ ଲାଇଫ୍ ବିଏସ୍ଇ ୫୦୦ ମୋମେଂଟମ୍ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ ର ଶୁଭାରମ୍ଭ

ଭୁବନେଶ୍ୱର, ୧୧।୧୧ (ନି.ପ୍ର) : ଆଇସିଆଇସିଆଇ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ନୂତନ 'ଆଇସିଆଇସିଆଇ ଲାଇଫ୍ ବିଏସ୍ଇ ୫୦୦ ମୋମେଂଟମ୍ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ' ର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଅଧିକାଂଶ ୟୁଲିପ୍ ବୀମା ଯୋଜନାରେ ଏହି ପାଣ୍ଠିରେ ନିବେଶ କରିବାର ସୁବିଧା ମିଳିବ। ଏହି ପାଣ୍ଠି ବିଏସ୍ଇ ୫୦୦ରୁ ଚୟନ କରାଯାଇଥିବା ୫୦ଟି କମ୍ପାନୀରେ ଅର୍ଥ ନିବେଶ କରିବ। କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି, ଲାଭ ଏବଂ ଗତ ୧୨ ମାସରେ ଅଂଶଧନ ମୂଲ୍ୟର ବୃଦ୍ଧିକୁ ଆଧାର କରି ଏହି ଚୟନ କରାଯିବ। ୨୦୨୬ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ସୂଚକାଙ୍କ ଗତ ୭ ବର୍ଷରେ ୨୩.୭% ପର୍ଯ୍ୟନ୍ତ ଲାଭ ଦେଇଛି। ଏହି ହିସାବରେ ୭ ବର୍ଷ ପୂର୍ବେ ନିବେଶ କରାଯାଇଥିବା ୧ ଲକ୍ଷ ଟଙ୍କାର ମୂଲ୍ୟ ପ୍ରାୟ ୪.୪ ଲକ୍ଷ ଟଙ୍କା ହୋଇଥାନ୍ତା। ଏହି ନୂତନ ପାଣ୍ଠି ସମ୍ପର୍କରେ ଆଇସିଆଇସିଆଇ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ନିବେଶ ଅଧିକାରୀ, ମନୀଷ କୁମାର କହିଛନ୍ତି, 'ଭଲ ବ୍ୟବସାୟ ଓ ଦୃଢ଼ ଆର୍ଥିକ ସ୍ଥିତି ଥିବା କମ୍ପାନୀଗୁଡ଼ିକରେ ନିବେଶକରି ଗ୍ରାହକମାନେ ଦୀର୍ଘମିଆଦୀରେ ନିଜର ସମ୍ପତ୍ତି ବଢ଼ାଇବାର ସୁଯୋଗ ପାଇବେ। ବଜାରରେ ଉତଥାନ-ପତନ ଲାଗି ରହିଥିଲେ ମଧ୍ୟ ଦୀର୍ଘମିଆଦୀ ନିବେଶ ମାଧ୍ୟମରେ ଭଲ ଆର୍ଥିକ ଭବିଷ୍ୟତ ଗଢ଼ିବାରେ ଏହି ପାଣ୍ଠି ସହାୟକ ହେବ।' ଏହି ପାଣ୍ଠିରେ ଥିବା କମ୍ପାନୀଗୁଡ଼ିକର ତାଲିକା ପ୍ରତି ତିନି ମାସରେ ସମୀକ୍ଷା କରାଯିବ ଏବଂ ବଜାରର ସ୍ଥିତି ଅନୁସାରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ୨୦୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀର ବୀମା ଦାବି ପୈଠ ହାର ୯୯.୩% ରହିଛି। ଏହି ପାଣ୍ଠି କମ୍ପାନୀର ପ୍ରୋଟେକ୍ଟ ଏନ୍‌ଗେନ୍, ସିଗ୍ନେଚର ଆସୁରାନ୍ସ ସିଗ୍ନେଚର, ପ୍ଲାଟିନମ୍ ଓ ଏଜ୍ଲି ଏଲିଟ୍ ପ୍ରୋ ଭଳି ଅଧିକାଂଶ ବୀମା ଯୋଜନାରେ ଉପଲବ୍ଧ ହେବ।

ଲକ୍ଷ୍ମୀ ପୂଜା ଓ ମୁହୁରତ ଟ୍ରେଡିଂ ଉତ୍ସବ ସହ ଦୀପାବଳି ପାଳନ କରିଛି ଏନଏସଇ



ଭୁବନେଶ୍ୱର, ୧୧।୧୧ (ନି.ପ୍ର) : ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ପକ୍ଷରୁ ପାରମ୍ପରିକ ଲକ୍ଷ୍ମୀ ପୂଜା ଓ ଏକ ବେଲ-ରିଙ୍ଗିଙ୍ଗ୍ ଇଭେଂଟ ସହିତ ଦୀପାବଳି ଓ ମୁହୁରତ ଟ୍ରେଡିଙ୍ଗ୍‌ର ଶୁଭ ଅବସରକୁ ପାଳନ କରାଯାଇଛି। ଏହି ଉତ୍ସବରେ ସିନେମା, ସଂସ୍କୃତି ଓ ସାମାଜିକ ସଂଗଠନଗୁଡିକର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନଏସଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଶ୍ରୀ ଆଶିଷ କୁମାର ଚୌହାନଙ୍କ ସମେତ ଲୋକପ୍ରିୟ ଅଭିନେତ୍ରୀ ପୁନମ ଧିଲନ, ଶ୍ରୀମତି ପଦ୍ମିନୀ କୋହ୍ଲାପୁରୀ ଓ ସିବା ଅଗ୍ରୱାଲ, ପ୍ରତିଷ୍ଠିତ ଚଳଚିତ୍ର ନିର୍ମାତା ଶ୍ରୀ ଭାରତବାଲା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ଅଲ୍ ଇଣ୍ଡିଆ ଆଉଟରିଚ ମୁଖ୍ୟ ଶ୍ରୀ ରାମ ଲାଲ ଏବଂ ୱାର୍ଲ୍ଡ ହିନ୍ଦୁ କଂଗ୍ରେସ ଓ ୱାର୍ଲ୍ଡ ହିନ୍ଦୁ ଇକୋନୋମିକ ଫୋରମର ପ୍ରତିଷ୍ଠାତା ସ୍ୱାମୀ ବିଜ୍ଞାନନ୍ଦ ଜୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅତିଥିମାନେ ଏନଏସଇର ଲକ୍ଷ୍ମୀ ପୂଜା ଓ ସେରେମୋନିଆଲ ବେଲ ରିଙ୍ଗିଙ୍ଗ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଯାହା ସମୃଦ୍ଧି, ସକାରାତ୍ମକତା ଓ ନୂତନ ଆରମ୍ଭକୁ ସୂଚିତ କରିଥିଲା। ଏହି ଅବସର ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଏହାର ବିକଶିତ ପୁଂଜି ବଜାର ମଧ୍ୟରେ ସ୍ଥାୟୀ ସଂଯୋଗକୁ ପ୍ରତିଫଳନ କରିଛି। ଏନଏସଇରେ ଅନୁଷ୍ଠିତ ହୋଇଥିବା ମୁହୁରତ ଟ୍ରେଡିଂ ଭାରତୀୟ ଆର୍ଥିକ ବଜାରର ଏକ ଦୀର୍ଘ ପୁରାତନ ପରମ୍ପରା ଅଟେ। ଏହା ହେଉଛି ଏକ ସ୍ୱତନ୍ତ୍ର କାରବାର ଅଧିବେଶନ ଯାହାକୁ ନୂତନ ହିନ୍ଦୁ କ୍ୟାଲେଣ୍ଡର ବର୍ଷ, ବିକ୍ରମ ସମ୍ବତର ଆରମ୍ଭକୁ ଚିହ୍ନିତ କରିବା ପାଇଁ ଦୀପାବଳି ଅବସରରେ ପରିଚାଳନା କରାଯାଇଥାଏ। ପ୍ରଥମେ ୧୯୫୭ରେ ଭାରତର ଷ୍ଟକ ମାର୍କେଟରେ ମୁହୁରତ ଟ୍ରେଡିଂର ପରମ୍ପରା ଆରମ୍ଭ ହୋଇଥିଲା। ୧୯୯୪ରେ ପରିଚାଳନା ଆରମ୍ଭ କରିଥିବା ଏନଏସଇ ଏହାର ବାର୍ଷିକ ଦୀପାବଳି ଉତ୍ସବର ଅଂଶ ଭାବେ ଏହି ପରମ୍ପରାକୁ ପାଳନ କରିଆସୁଛି। ଏହାର ଧାର୍ମିକ ଓ ସାଂସ୍କୃତିକ ମହତ୍ୱ ବାହାରେ ମୁହୁରତ ଟ୍ରେଡିଂ ନିବେଶକଙ୍କ ପାଇଁ ଆର୍ଥିକ ଅଭିବୃଦ୍ଧି, ଶୃଙ୍ଖଳିତ ନିବେଶ ଓ ଦୀର୍ଘକାଳିନ ସମ୍ପତ୍ତି ସୃଷ୍ଟି ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ। ଏନଏସଇରେ ଦୀପାବଳି ଉତ୍ସବ ପରମ୍ପରା ଓ ଆଧୁନିକ ଆର୍ଥିକ ବ୍ୟବସ୍ଥାର ଏକ ସୁନ୍ଦର ମିଶ୍ରଣକୁ ଆଲୋକିତ କରିଥାଏ, ଯାହା ଭାରତର ସାଂସ୍କୃତିକ ଐତିହ୍ୟ ସହ ଏକ ବର୍ଦ୍ଧିତ ନିବେଶକ ସମୁଦାୟର ମହତ୍ୱାକାଂକ୍ଷାକୁ ସଂଯୋଗ କରିବାରେ ଏକ୍ସଚେର ଭୂମିକାକୁ ମଜବୁତ କରିଛି।

କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପକ୍ଷରୁ ଅସହାୟଙ୍କୁ ସହାୟତା

କେନ୍ଦ୍ରାପଡ଼ା, ୧୧।୧୧ (ନି.ପ୍ର) : କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଅସହାୟ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡେରାବିଶ ବ୍ଲକ ଅଧିନ ପଲେଇ ଅସହାୟ ମହିଳା ରଶ୍ମିତା ସାମଲଙ୍କୁ



ଟ୧୦,୦୦,୦୦୦/-ଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ରଶ୍ମିତା ଏବଂ ତାଙ୍କ ତାଙ୍କ ସ୍ୱାମୀ ଉତ୍ତମ ଚନ୍ଦ୍ର ସାମଲ ମୂଲଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ଏକ ବିଷଧର ସର୍ପ କାମୁଡିବାରୁ ଉତ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ଫଳରେ ରଶ୍ମିତା ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ରଶ୍ମିତା ତାଙ୍କର ଦୁଃଖ ସମ୍ପର୍କରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କୁ ଭେଟି ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିବେଦନ କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ର ଶ୍ରୀ ତାଙ୍କ ପଲେଇସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ୧୦ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ଏହି ସମୟରେ ବ୍ୟାଙ୍କ ନିର୍ଦ୍ଦେଶକ ବିଧୁଭୂଷଣ ମହାପାତ୍ର, ସହକାରୀ ମ୍ୟାନେଜର ଭଞ୍ଜକିଶୋର ଜେନା ଓ ଡ୍ରାଇଭର ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ମୁମ୍ବାଇ ଇଣ୍ଡିଆନ୍ସରେ ଅର୍ଶଦୀପ ସିଂହ, ପଞ୍ଜାବ କିଙ୍ଗ୍ସରେ ଯୋଗଦେବେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ, ୧୧।୧୧ (ନି.ପ୍ର): ଆଇପିଏଲ୍ ୨୦୨୭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ହୋଇଛି ଏକ ବଡ଼ ପରିବର୍ତ୍ତନ। ଷ୍ଟାର୍ ଦ୍ରୁତ ବୋଲର ଅର୍ଶଦୀପ ସିଂହ ମୁମ୍ବାଇ ଇଣ୍ଡିଆନ୍ସ ସହ ଯୋଗଦେବାକୁ ଥିବାବେଳେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ପାବ କିଙ୍ଗ୍ସର ଜର୍ସିରେ ନଜର ଆସିବେ। ବୁଧବାର ଏହି ଖେଳାଳି ଅଦଳବଦଳ (ଟ୍ରେଡ୍) ସମ୍ପର୍କରେ ଫ୍ରାଞ୍ଚାଇଜି ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇଛି। ଅର୍ଶଦୀପଙ୍କ ଦଳରେ ସାମିଲ ହେବା ନେଇ ଆକାଶ ଅମ୍ବାନୀ କହିଛନ୍ତି, 'ଅର୍ଶଦୀପଙ୍କ ଆଗମନ ଆମ ବୋଲିଂ ବିଭାଗକୁ ଏକ ନୂଆ ଦିଗ ଦେବ। ଆମେ ସବୁବେଳେ ଏଭଳି ଏକ ଦଳ ଗଠନ କରିବାକୁ ଚେଷ୍ଟା କରୁ, ଯେଉଁଥିରେ ଅଭିଜ୍ଞତା, ଦକ୍ଷତା ଏବଂ ବିଜୟର ଭୋକ ର ଉପଯୁକ୍ତ ସମନ୍ୱୟ ରହିଥିବ। ଅର୍ଶଦୀପଙ୍କ ନିକଟରେ ଏହି ସମସ୍ତ ଗୁଣ ରହିଛି। ମୁଁ ଏବଂ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶଂସକ ଅର୍ଥାତ୍ ଏମଆଇ ପଲଟନ୍, ତାଙ୍କୁ ନୀଳ ଓ ସୁନେଲି ଜର୍ସିରେ ସ୍ୱାଗତ କରୁଛୁ।'ଅନ୍ତର୍ଜାତୀୟ କ୍ରିକେଟ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅର୍ଶଦୀପ ବିଭିନ୍ନ ପରିସ୍ଥିତି ଏବଂ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ପ୍ରଭାବଶାଳୀ ବୋଲିଂ କରିବାର କ୍ଷମତା ରଖିଛନ୍ତି। ତାଙ୍କ ଯୋଗଦାନ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ବିଭାଗକୁ ଆହୁରି ମଜବୁତ କରିବ। ହାର୍ଦ୍ଦିକଙ୍କ ବିଦାୟ ନେଇ ଆକାଶ ଅମ୍ବାନୀ କହିଛନ୍ତି, 'ହାର୍ଦ୍ଦିକଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସର ଅନେକ ସ୍ୱତନ୍ତ୍ର ସ୍ମରଣୀୟ ମୁହୂର୍ତ୍ତ ଜଡ଼ିତ ହୋଇ ରହିଛି। ଜଣେ କ୍ରିକେଟର ଭାବେ ତାଙ୍କୁ ଆଗକୁ ବଢ଼ିବା, ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ଏବଂ ପରବର୍ତ୍ତୀ ସମୟରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ଆମେ ଦେଖିଛୁ। ଦଳ ପ୍ରତି ତାଙ୍କର ଅବଦାନ, ଉତ୍ସାହ ଏବଂ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତାର ମନୋଭାବ ଅତ୍ୟନ୍ତ ମୂଲ୍ୟବାନ ଥିଲା। ଜଣେ କ୍ରିକେଟର ଏବଂ ମଣିଷ ଭାବେ ମୋ ମନରେ ତାଙ୍କ ପ୍ରତି ଗଭୀର ସମ୍ମାନ ରହିଛି। ତାଙ୍କ ଭବିଷ୍ୟତ ପାଇଁ ମୁଁ ଶୁଭକାମନା ଜଣାଉଛି।'ହାର୍ଦ୍ଦିକ ୨୦୧୫ରେ ଜଣେ ଯୁବ କ୍ରିକେଟର ଭାବେ ମୁମ୍ବାଇ ଇଣ୍ଡିଆନ୍ସ ସହ ନିଜର ଯାତ୍ରା ଆରମ୍ଭ କରିଥିଲେ। ଦଳର ଚାରିଟି ଆଇପିଏଲ୍ ଟାଇଟଲ୍ ବିଜୟ ଅଭିଯାନରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ୨୦୨୪ରେ ସେ ଅଧିନାୟକ ଭାବେ ପୁଣିଥରେ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିଥିଲେ। ଦଳ ପ୍ରତି ତାଙ୍କର ଅବଦାନ ଏବଂ ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ କୃତଜ୍ଞତା ଜଣାଇଛି। ଏହି ଅବସରରେ ମୁମ୍ବାଇ ଇଣ୍ଡିଆନ୍ସ ସ୍ପଷ୍ଟ କରିଛି ଯେ, ଆଗାମୀ ସିଜିନ୍ ପାଇଁ ଅଧିନାୟକ ପଦ ନିମନ୍ତେ ବିଭିନ୍ନ ବିକଳ୍ପ ଉପରେ ଭଲ ଭାବେ ବିଚାର କରାଯିବ। ଉପଯୁକ୍ତ ସମୟରେ ଦଳର ନୂଆ ଅଧିନାୟକଙ୍କ ନାମ ଘୋଷଣା କରାଯିବ।

ହୋଟେଲ ଏବଂ ବିମାନ ଭଡ଼ାରେ ଆକର୍ଷଣୀୟ ରିହାତି ଦେବ ଆମାଜନ ପେ'

ଭୁବନେଶ୍ୱର, ୧୧।୧୧ (ନି.ପ୍ର) : ଆମାଜନ ପେ' ପକ୍ଷରୁ 'ଇଣ୍ଟରସିବୁଲ ଟ୍ରାଭେଲ ଡିଲ୍ସ ୨୦୨୬' ନାମରେ ଏକ ସ୍ୱତନ୍ତ୍ର ଟ୍ରାଭେଲ ଡ଼ିଲ୍ସ ଅଭିଯାନ ଘୋଷଣା କରାଯାଇଛି। ନଭେମ୍ବର ୧୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଘରୋଇ ଓ ଆନ୍ତର୍ଜାତୀୟ ବିମାନ ଟିକେଟ୍‌ରେ ୩୦% ଏବଂ ହୋଟେଲ ରହଣି ଖର୍ଚ୍ଚରେ ୬୫% ପର୍ଯ୍ୟନ୍ତ ରିହାତି ମିଳିବ। ଏଥିସହ ଗ୍ରାହକମାନେ ବିମାନ ଟିକେଟ୍‌ରେ ୧୫% ତତ୍କାଳ ରିହାତି ଓ ହୋଟେଲ ବୁକିଂରେ ୪୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଦିଲ୍ଲୀରୁ ବ୍ୟାଙ୍କକ୍‌କୁ ବିମାନ ଯାତ୍ରା ଭଡ଼ା ୧୨,୨୯୯ ଟଙ୍କା, ମୁମ୍ବାଇରୁ ଦୁବାଇ ୧୩,୯୯୯ ଟଙ୍କା ଏବଂ ମୁମ୍ବାଇରୁ ଗୋଆ ୩,୦୯୯ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ଦୁବାଇର ଡୁସିଟ୍ ଥାନି ହୋଟେଲରେ ରହଣି ଖର୍ଚ୍ଚ ୬,୬୪୯ ଟଙ୍କା ଏବଂ ଗୋଆରେ ୪,୮୯୯ ଟଙ୍କାରୁ ଆରମ୍ଭ ହେଉଛି। ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ ରଣ କାର୍ଡଧାରୀ ଓ ପ୍ରାଇମ୍ ସଦସ୍ୟଙ୍କୁ ଅତିରିକ୍ତ ୫% ଏବଂ ଅନ୍ୟ ଗ୍ରାହକଙ୍କୁ ୩% ଅର୍ଥ ଫେରସ୍ତ ସୁବିଧା ମିଳିବ। ବସ୍ ଟିକେଟ୍ ବୁକିଂରେ ମଧ୍ୟ ୧୭% ପର୍ଯ୍ୟନ୍ତ ରିହାତି ସହ ୧୦୦ ଟଙ୍କା ଅର୍ଥ ଫେରସ୍ତ ମିଳିବ।

ଏହି ଅଭିଯାନ ସମ୍ପର୍କରେ ଆମାଜନ ପେ'ର ପେମେଂଟ ଏକ୍ସପେରିଏନ୍ସ ଆଣ୍ଡ ରିୱାର୍ଡ୍ସ ବିଭାଗର ନିର୍ଦ୍ଦେଶକ, ଗିରିଶ କ୍ରିଷ୍ଣନ କହିଛନ୍ତି, 'ଭାରତୀୟ ପରିବାରଗୁଡ଼ିକ ପୂର୍ବାପେକ୍ଷା ଅଧିକ ଭ୍ରମଣ କରୁଛନ୍ତି। ଏହି ଅଭିଯାନ ମାଧ୍ୟମରେ ସେମାନଙ୍କ ଯାତ୍ରାକୁ ଅଧିକ ସୁଲଭ ଓ ସୁବିଧାଜନକ କରିବା ଆମର ଲକ୍ଷ୍ୟ। ଗୋଆରେ ସପ୍ତାହା' ଛୁଟି ହେଉ କିମ୍ବା ଦୁବାଇ ଯାତ୍ରା, ଗ୍ରାହକମାନେ ସହଜରେ ଟିକେଟ୍ ଓ ହୋଟେଲ ବୁକିଂ କରିବା ସହ ଆକର୍ଷଣୀୟ ସଂଚୟର ସୁଯୋଗ ପାଇବେ।' ନଭେମ୍ବର ୧୨ ଓ ୧୩ ତାରିଖରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଆଗୁଆ ବୁକିଂ ସୁବିଧା ରହିଛି। ଏହି ସମୟରେ ବିମାନ ଟିକେଟ୍‌ରେ ୫୦୦ ଟଙ୍କା ଏବଂ ହୋଟେଲ ବୁକିଂରେ ୧୦,୦୦୦ ଟଙ୍କା ପର୍ଯ୍ୟ' ୧୦% ଅର୍ଥ ଫେରସ୍ତ ମିଳିବ। ଆମାଜନ ପେ'ର ଏହି ଯାତ୍ରା ସେବା ମାଧ୍ୟମରେ ବିଶ୍ୱର ୪,୦୦୦ରୁ ଅଧିକ ସହରରେ ୧,୧୦୦ରୁ ଅଧିକ ବିମାନ ସେବା, ଭାରତରେ ୧ ଲକ୍ଷରୁ ଅଧିକ ହୋଟେଲ ଏବଂ ବିଶ୍ୱବ୍ୟାପୀ ୭୦ ଲକ୍ଷରୁ ଅଧିକ ରହଣି ସ୍ଥାନ ବୁକିଂର ସୁବିଧା ରହିଛି। ଗ୍ରାହକମାନେ ଆମାଜନ ଇଣ୍ଡିଆର ଆମାଜନ ପେ' ଯାତ୍ରା ବିଭାଗରେ ଏହି ସୁବିଧା ପାଇପାରିବେ।

ଖ୍ରୀଷ୍ଟକଲେଜ କିରାଣୀ ତଥା ଯୁବ କଣ୍ଠଶିଳ୍ପୀ ଚିରଞ୍ଜିତ ରାଉତଙ୍କ ବିୟୋଗରେ ଶୋକ

କଟକ, ୧୧।୧୧ (ନି.ପ୍ର): ଖ୍ରୀଷ୍ଟକଲେଜର କିରାଣୀ ତଥା ଯୁବ କଣ୍ଠଶିଳ୍ପୀ ଚିରିତ ରାଉତଙ୍କ ୪୯ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ଥାଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କର ଅକାଳ ବିୟୋଗରେ କଲେଜରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଶେଷଦର୍ଶନ ପାଇଁ କଲେଜ ପରିସରକୁ ଅଣାଯାଇଥିଲା। କଲେଜ ପରିଚାଳନା କମିଟିର ସମସ୍ତ ସଦସ୍ୟ, କଲେଜ ପ୍ରଶାସନ ତଥା କର୍ମଚାରୀଙ୍କ ପକ୍ଷରୁ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ଚିର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଚିରିତ ରାଉତ ଜଣେ କଣ୍ଠଶିଳ୍ପୀ ଓ ଗୀତିକାର ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲେ। ବିଶେଷତଃ ପରମେଶ୍ୱରଙ୍କ ପ୍ରତି ସମର୍ପିତ ତାଙ୍କର ଭକ୍ତିଗୀତ ସବୁ ସାମାଜିକ ଗଣମାଧ୍ୟମରେ ବହୁମାତ୍ରାରେ ଲୋକାଦୃତ ହେଉଥିଲା।



ସେମିନାର ସ୍କୁଲ-କେଶରପୁର ରାସ୍ତା ନିର୍ମାଣ ଶେଷ : ମେୟରଙ୍କ ଦ୍ୱାରା ଜନସାଧାରଣଙ୍କ ଗମନାଗମନ ପାଇଁ ରାସ୍ତା ଉନ୍ମୁକ୍ତ

କଟକ, ୧୧।୧୧ (ନି.ପ୍ର) : କଟକ ସହରର ରାସ୍ତାଘାଟ ଓ ଭିତ୍ତିଭୂମିର ବିକାଶ ସହ ଜନସାଧାରଣଙ୍କ ଦୈନନ୍ଦିନ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଇ ମେୟର ଶ୍ରୀ ସୁବାସ ସିଂହଙ୍କ ନେତୃତ୍ୱରେ ନିରନ୍ତର ପ୍ରୟାସ ଜାରି ରହିଛି। ଏହି କ୍ରମରେ ସେମିନାର ସ୍କୁଲ ଛକଠାରୁ କେଶରପୁର ଛକ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ରାସ୍ତାର ନୂତନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆଜି ମେୟର ଶ୍ରୀ ସୁବାସ ସିଂହ ଆନୁଷ୍ଠାନିକ ଭାବେ ଏହି ରାସ୍ତାକୁ ଜନସାଧାରଣଙ୍କ ଯାତାୟାତ ପାଇଁ ଉନ୍ମୁକ୍ତ କରିଛନ୍ତି। ଏହି ରାସ୍ତାର ଦୁରବସ୍ଥା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଦୈନିକ ଯାତାୟାତ କରୁଥିବା ଶତାଧିକ ଲୋକ ଦୀର୍ଘଦିନ ଧରି ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ରାସ୍ତାର ଖରାପ ଅବସ୍ଥା ଯୋଗୁଁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ସହ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ୨୭ ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ଇତିଶ୍ରୀ ଦାସ ନିରନ୍ତର ଭାବେ ଉଦ୍ୟମ କରିଆସୁଥିଲେ। ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଇତିଶ୍ରୀ ଦାସଙ୍କ ସକ୍ରିୟ ଭୂମିକା ଏହି ରାସ୍ତା ନିର୍ମାଣ ପ୍ରକ୍ରିୟାରେ ବିଶେଷ ଗୁରୁତ୍ୱ ବହନ କରିଥିଲା। ନିଜ ୱାର୍ଡର ଲୋକମାନଙ୍କ ସମସ୍ୟାକୁ ନିକଟରୁ ଅନୁଭବ କରି ସେ ଏହି ରାସ୍ତାର ଦୁରବସ୍ଥା ସମ୍ପର୍କରେ ମେୟର ଶ୍ରୀ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାସ୍ତାର ତୁରନ୍ତ ନବୀକରଣ, ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ ଏବଂ ଏହାର ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା ପାଇଁ ସେ ବାରମ୍ବାର ଅନୁରୋଧ ଓ ଦାବି ଉପସ୍ଥାପନ କରିଥିଲେ। ଜଣେ ଜନପ୍ରତିନିଧି ଭାବେ ନିଜ ଅଞ୍ଚଳର ଲୋକଙ୍କ ପାଖରେ ରହି ସେମାନଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ପହଞ୍ଚାଇବା ସହ ସମାଧାନ ନ ହେବା ପର୍ଯ୍ୟନ୍ତ ଏହାର ଅନୁସରଣ କରିବାରେ ଶ୍ରୀମତୀ ଦାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କର୍ପୋରେଟରଙ୍କ ଏହି ଜନସମସ୍ୟାକୁ ମେୟର ଶ୍ରୀ ସୁବାସ ସିଂହ ଗୁରୁତ୍ୱର ସହ ଗ୍ରହଣ କରି ଏହାର ସମାଧାନ ପାଇଁ ଉଚ୍ଚସ୍ତରରେ ପଦକ୍ଷେପ ନେଇଥିଲେ। ଉଲ୍



କାନୁପୁର ବିସ୍ଥାପିତଙ୍କ ଅଧିକାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ନମିଳିବାରୁ ଅସନ୍ତୋଷ : ଆନ୍ଦୋଳନ ଚେତାବନୀ

ଯୋଡ଼ା, ୧୧/୧୧ (ନି.ପ୍ର) : କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ଦୀର୍ଘଦିନର ସମସ୍ୟା, ଥଇଥାନ, କ୍ଷତିପୂରଣ ଏବଂ ମୌଳିକ ଅଧିକାରକୁ ନେଇ ଆଜି ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡଗାସ୍ଥିତ ହାଟପଡ଼ିଆଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କାନୁପୁର ବୁଡି ଅଞ୍ଚଳର ବହୁ କ୍ଷତିଗ୍ରସ୍ତ ଓ ବିସ୍ଥାପିତ ପରିବାରର ସଦସ୍ୟମାନେ ଯୋଗଦେଇ ନିଜ ନିଜର ସମସ୍ୟା ଏବଂ ଦାବିଉପସ୍ଥାପନ କରିଥିଲେ । ବୈଠକରେ ବିସ୍ଥାପିତ ପରିବାରଙ୍କ ଦୀର୍ଘଦିନର ଅସମାହିତ ସମସ୍ୟା, ସରକାରୀ ଥଇଥାନ ନୀତି ଅନୁଯାୟୀ ପ୍ରାପ୍ୟ ସହାୟତା, କ୍ଷତିପୂରଣ ରାଶି, ବର୍ଦ୍ଧିତ କ୍ଷତିପୂରଣ, କଟ୍ ଅଫ୍ ତାରିଖ, ଆରଆଡିଏସି ବୈଠକ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା



ସୁଯୋଗରୁ ବଞ୍ଚିତ ହେବା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପ୍ରକଳ୍ପ ନିର୍ମାଣ ପାଇଁ ନିଜର ଭିଟାମାଟି, ଜମିବାଡ଼ି ଓ ଜୀବିକା ହରାଇଥିବା ପରିବାରଗୁଡ଼ିକ ଆଜି ମଧ୍ୟ ନିଜର ନ୍ୟାର୍ଯ୍ୟ ପ୍ରାପ୍ୟ ଓ ମୌଳିକ ଅଧିକାର ପାଇଁ ଅପେକ୍ଷା କରିରହିଥିବା ନେଇ ସଭାରେ ଉଦ୍?ବେଗ ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ, ଆସନ୍ତା ଡିସେମ୍ବର ମାସରେ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପର ଶୁଭ ଉଦ୍?ଘାଟନ କରିବା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଚାଲିଥିବା ଖବରକୁ ନେଇ ବିସ୍ଥାପିତ ପରିବାରଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିସ୍ଥାପିତଙ୍କ ଥଇଥାନ ଓ କ୍ଷତିପୂରଣ ସମସ୍ୟାର ସଂପୂର୍ଣ୍ଣ ସମାଧାନ ନହୋଇ ପ୍ରକଳ୍ପର ଉଦ୍ଘାଟନ ପାଇଁ ତତ୍ପରତା ପ୍ରକାଶ ପାଇବା ନ୍ୟାୟସଙ୍ଗତ କି ନୁହେଁ, ତାହାକୁ ନେଇ ବୈଠକରେ ପ୍ରଶ୍ନ ଉଠିଥିଲା । ବିସ୍ଥାପିତଙ୍କ ଦାବି ଓ ସମସ୍ୟାର ସମାଧାନ ନକରିକେବଳ ପ୍ରକଳ୍ପର ଉଦ୍ଘାଟନକୁ ଗୁରୁତ୍ୱ ଦିଆଯିବା ସେମାନଙ୍କ ପ୍ରତି ଅବହେଳା ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ସରକାର ପ୍ରକଳ୍ପରୁ ରାଜ୍ୟବାସୀଙ୍କୁ ସୁବିଧା ଯୋଗାଇଦେବା ସହିତ ଏଥିପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ବିସ୍ଥାପିତ ପରିବାରଙ୍କ ନ୍ୟାର୍ଯ୍ୟ ଅଧିକାର ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଉଚିତ ବୋଲି ମତ ଚଖାଯାଇଥିଲା । ବୈଠକରେ ଆଲୋଚନା ପରେ ବିସ୍ଥାପିତ ପରିବାରଙ୍କ ଦାବିଗୁଡ଼ିକୁ ନେଇ ସରକାର ଓ ପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ କରିବା ସହିତ ନ୍ୟାର୍ଯ୍ୟ ଅଧିକାର ହାସଲ ପାଇଁ ଆଗାମୀ ଦିନରେ ସଂଗଠିତ ଭାବେ ଲଢେଇ ଜାରି ରଖିବାକୁ ମତ ପ୍ରକାଶ ପାଇଥିଲା । ଆବଶ୍ୟକ ପଡ଼ିଲେ ସରକାରଙ୍କ ନୀତି ଓ ପଦକ୍ଷେପ ବିରୋଧରେ ଜୋରଦାର ଗଣଆନ୍ଦୋଳନ କରାଯିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ କେବଳ ଏକ ଜଳସେଚନ ପ୍ରକଳ୍ପ ନୁହେଁ, ଏହା ସହିତ ଜଡ଼ିତ ରହିଛି ଅନେକ ପରିବାରଙ୍କ ଜୀବନ, ଜୀବିକା, ଭିଟାମାଟିଓ ଭବିଷ୍ୟତ । ତେଣୁପ୍ରକଳ୍ପର ଶୁଭାରମ୍ଭ ପୂର୍ବରୁ ବିସ୍ଥାପିତଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ, ପ୍ରାପ୍ୟ ସହାୟତା ପ୍ରଦାନ ଏବଂ ଥଇଥାନ ସମ୍ପର୍କିତ ଅଧିକାର ସୁନିଶ୍ଚିତ କରିବାକୁ ଦାବି ଜୋର ଧରିଛି । ଅପରପକ୍ଷେ, ନିମ୍ନମାନର କାମ ପାଇଁ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପର ମାଟି ବନ୍ଧ ବାରମ୍ବାର ଧସୁଥିବା ଯୋଗୁଁ ବନ୍ଧର ସ୍ଥାୟୀତ୍ୱକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ରାଜ୍ୟ ସରକାରଙ୍କ ତରବରିଆ ଉଦ୍ଘାଟନ ନିଷ୍ପତ୍ତି ନେଇ ଏବେ ସ୍ଥାନୀୟ ବୁଦ୍ଧିଜୀବିଙ୍କ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

ତମାଖୁମୁକ୍ତ ଯୁବସମାଜ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ



କଟକ,୧୧।୧୧ (ନି.ପ୍ର): ତମାଖୁମୁକ୍ତ ଯୁବ ସମାଜ ଗଠନ ତଥା ତମାଖୁ ସେବନର କୁପରିଣାମ ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ତମାଖୁମୁକ୍ତ ଯୁବସମାଜ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କଟକ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ତମାଖୁ ସେବନ ନକରିବା ପାଇଁ ଶପଥପାଠ କରାଇଥିଲେ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କୁ ତମାଖୁ ସେବନଠାରୁ ଦୂରେଇ ରଖିବା ଏବଂ ତମାଖୁଜନିତ ରୋଗ ଓ ଏହାର ଭୟାବହ ପରିଣାମ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା । ଏଥିସହ ଶିକ୍ଷାନୁଷ୍ଠାନ, ସର୍ବସାଧାରଣ ସ୍ଥାନ ଓ ଯୁବପିଢ଼ିଙ୍କ ସହ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ତମାଖୁ ନିୟନ୍ତ୍ରଣ ସମ୍ପର୍କିତ ନିୟମାବଳୀର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦେବା ବୋଲି ସେ ମତବ୍ୟକ୍ତ କରିଥିଲେ । ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଗନ ବିହାରୀ ପତି, ଅବକାରୀ ଅଧିକ୍ଷକ ,କଟକ ଶ୍ରୀ କରୁଣାଶଙ୍କର ତିୱାରୀ,ଡ଼ିଏସପି,ଗ୍ରାମାଞ୍ଚଳ ,ପ୍ରତିମା ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ଅଶୋକ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ତମାଖୁ ନିୟନ୍ତ୍ରଣ ଅଭିଯାନକୁ ଜିଲ୍ଲାରେ ଅଧିକ ପ୍ରଭାବଶାଳୀ କରିବା, ଯୁବପିଢ଼ିଙ୍କୁ ଏହି ଅଭିଯାନରେ ସାମିଲ କରିବା ଏବଂ ସମସ୍ତ ବିଭାଗର ସମନ୍ୱୟରେ ସଚେତନତାମୂଳକ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ଜିଲ୍ଲାରେ ଏହି ଅଭିଯାନ ୨୮ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସାଇକେଲ ରାଲି, ମାରାଥନ ମାଧ୍ୟମରେ ଯୁବପିଢ଼ିକୁ ସଚେତନ କରାଯିବ ।

ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ

ସାମ୍ବାଦିକ ସଂନ୍ତୋଷ ଭାରତୀ ସଭାପତି, ସୁଦର୍ଶନ ବିଶ୍ୱାଳ ସମ୍ପାଦକ



ପାରାଦୀପ, ୧୧/୧୧ (ନି.ପ୍ର): ଉତ୍କଳ ସାମ୍ବାଦିକ ସଙ୍ଘ ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଙ୍ଘ, ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ମନୋଜ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ମାନସ କାନୁନଗୋ, ଜିଲ୍ଲା ସହ ସମ୍ପାଦକ ସିଦ୍ଧେଶ୍ୱର ସ୍ୱାଇଁ ଏହି ବୈଠକରେ ଯୋଗ ଦେଇଥିଲେ । ପାରାଦୀପ ଶାଖାର ଏହି କାର୍ଯ୍ୟକାରିଣୀ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପକ୍ରିୟା ଅନୁଷ୍ଠିତ ହୋଇଥିଲା । ସର୍ବସମ୍ମତି କ୍ରମେ ସାମ୍ବାଦିକ ସନ୍ତୋଷ ଭାରତୀ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ପ୍ରଶାନ୍ତ କୁମାର ରାଉତ, ସାଧାରଣ ସମ୍ପାଦକ ସୁଦର୍ଶନ ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ସୁମନ୍ତ ସ୍ୱାଇଁ, ସହସମ୍ପାଦକ ବିରଜା ସେଠୀ, କୋଷାଧ୍ୟକ୍ଷ ପ୍ରଭାସ ଦାସଙ୍କୁ ନିର୍ବାଚିତ କରାଯାଇଥିଲା ବେଳେ ଉପଦେଷ୍ଟା ଭାବେ ନାରାୟଣ ବେହେରା ଏବଂ ରତ୍ନାକର ଜେନାଙ୍କୁ ମନୋନୀତ କରାଯାଇଛି । ସଂଘରେ ନୂତନ ସଦସ୍ୟ ଭାବେ ତ୍ରିଲୋଚନ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଆଗାମୀ ଦିନରେ ସାମ୍ବାଦିକ ମାନେ ସଙ୍ଗୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ଜିଲ୍ଲା ସଭାପତି ମନୋଜ କୁମାର ଦାଶ କହିଛନ୍ତି ।ପାରାଦୀପ ଶାଖାର ସଭାପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଭାରତୀ ସାମ୍ବାଦିକ ମାନଙ୍କ ସମସ୍ୟା ସମାଧାନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ଗଜଲକ୍ଷ୍ମୀ ଭସାଣୀ ଶୋଭାଯାତ୍ରାରେ ମହିଳାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ଗିରଫ

ବଳଙ୍ଗା, ୧୧।୧୧ (ନି.ପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ବଡ ନିନିଗାଁ ଗ୍ରାମରେ ଗଜଲକ୍ଷ୍ମି ଭଷାଣୀ ଶୋଭାଯାତ୍ରାରେ ମହିଳାଙ୍କୁ ଅଶ୍ଳିଳ ଗାଳି ଗୁଲଜ ସହ ଅସଦାଚରଣ ମାମଲା ରେ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛି । ସେ ହେଲା ସେହି ଗ୍ରାମର ପ୍ରଭାତ କୁମାର ଜେନା ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ଚଳିତ ମାସ ୧ତାରିଖ ରାତି ୧୧ଟାରେ ଗ୍ରାମର ଜେନାସାହି ପକ୍ଷରୁ ଗଜଲକ୍ଷ୍ମୀ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା ବେଳେ ଅଭିଯୁକ୍ତ ପ୍ରଭାକର ଓ ତା ସାଥିରେ ଥିବା ଅନ୍ୟ ୨ଜଣ ବ୍ୟକ୍ତି ଶୋଭାଯାତ୍ରା ଦେଖୁଥିବା ବେହେରା ସାହିର ଝିଅ ବୋହୂ ମାନଙ୍କୁ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶନ କରି ଗାଳି ଗୁଲଜ କରୁଥିଲେ। ଏନେଇ ସାହିର ହେମଲତା ନାୟକ ନାମକ ଜଣେ ଯୁବତୀ ପ୍ରତିବାଦ କରିବାରୁ ଆସାମୀ ମାନେ ଯୁବତୀକୁ ଅସଦାଚରଣ କରି ଗଣ୍ଡଗୋଳ କରିଥିଲେ। ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିଲେ। ବଳଙ୍ଗା ଥାନା ଏ ଏସ ଆଇ ରତ୍ନାକର ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଗତକାଲି ରାତିରେ ଅଭିଯୁକ୍ତ ପ୍ରଭାତ ଘରେ ଚଢ଼ାଉ କରି ତାକୁ ଗିରଫ କରିଥିଲେ।

ଯୁବ ସାମ୍ବାଦିକ ଅଶୋକ ମୁଖୀଙ୍କ ଅକାଳ ବିୟୋଗରେ ଶୋକାକୁଳ ମଧୁପୁରଗଡ଼

ପରିବାରକୁ ସାନ୍ତ୍ୱନା ଦେଲେ ବିଧାୟକ ହିମାଂଶୁ ଶେଖର ସାହୁ



ଚଣ୍ଡିଖୋଲ/ଧର୍ମଶାଳା, ୧୧।୧୧(ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁରଗଡ଼ ଗ୍ରାମର ଯୁବ ସାମ୍ବାଦିକ ଅଶୋକ କୁମାର ମୁଖୀଙ୍କ ଅକାଳ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଗତ ୩ ତାରିଖ ନଭେମ୍ବର ୨୦୨୬ ରିଖ ସେ ଦେହ ତ୍ୟାଗ କରିଥିଲେ। ଆଜିକୁ ତାଙ୍କୁ ପରିବାର ଛାଡ଼ି ଯିବାର ୮ ଦିନ ହୋଇ ଗଲାଣି । ଅଶୋକ ଥିଲେ ଜଣେ ସାହସୀ ଓ ସଚୋଟ ସାମ୍ବାଦିକ। ସତ୍ୟ ପାଇଁ ଲଢ଼ିବା, ଲୋକଙ୍କ ଦୁଃଖକୁ ନିଜ ଦୁଃଖ ଭାବିବା ଥିଲା ତାଙ୍କର ପରିଚୟ। ପରିବାରର ସେ ଥିଲେ ମେରୁଦଣ୍ଡ। ତାଙ୍କ ବିୟୋଗ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏହି ଦୁଃଖଦ ସମୟରେ ଧର୍ମଶାଳାର ଯୁବ ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ ଭାଇ) ଅଶୋକଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି। ପରିବାରକୁ ସାହସ ଓ ଧୈର୍ଯ୍ୟ ରଖିବାକୁ କହିବା ସହ ସେ ସବୁ ପ୍ରକାର ସହଯୋଗର ହାତ ବଢ଼ାଇଛନ୍ତି। ବିଶେଷ କରି ଅଶୋକଙ୍କ ପିଲାମାନଙ୍କ ପାଠପଢ଼ା କେମିତି ଚାଲିବ, ପରିବାର କେମିତି ଭଲରେ ରହିବ, ସେ ନେଇ ବିଧାୟକ ଚିନ୍ତା ପ୍ରକଟ କରିଛନ୍ତି ଏବଂ ଆର୍ଥିକ ସାହାଯ୍ୟ ସହ ସବୁ ସମୟରେ ପରିବାର ପାଖରେ ଛିଡ଼ା ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଏହି ମାନବିକତା ଓ ସହାନୁଭୂତି ପାଇଁ ଗ୍ରାମବାସୀ ତାଙ୍କୁ ପ୍ରଶଂସା କରିଛନ୍ତି। ଶୋକାକୁଳ ପରିବାର ମଧ୍ୟ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଶୋକ ମୁଖୀଙ୍କ ଅମର ଆତ୍ମାର ସଦଗତି କାମନା କରି ଗ୍ରାମବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ବିଭିନ୍ନ ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ କେବୁଲ ତାର ଚୋରୀ

ବଳଙ୍ଗା, ୧୧।୧୧ (ନି.ପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ନୂଆସନ୍ତୁ ପଞ୍ଚାୟତର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ କେବୁଲ ତାର ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ପଞ୍ଚାୟତ ସରପଞ୍ଚ ପ୍ରଫୁଲ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ପଞ୍ଚାୟତର କୋହୁଣା, ବ୍ରାହ୍ମଣଚାନ୍ଦ ପୁର, ଦାସପୁରୁସ୍ୱତମ ପୁର, ନୂଆସନ୍ତୁ ପ୍ରଭୃତି ପାନୀୟ ଜଳ ପ୍ରକଳ୍ପରୁ ଦୁର୍ବୃତ୍ତ ମାନେ କେବୁଲ ତାରକୁ ଚୋରୀ କରିନେଇଛନ୍ତି। ଫଳରେ ଗ୍ରାମାଞ୍ଚଳ ଲୋକ ମାନଙ୍କୁ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ପୂର୍ବରୁ ମଧ୍ୟ ଚୋରୀ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି । ସେହିଭଳି ଏହି ଥାନା ଅନ୍ତର୍ଗତ ରଥପୁରୁସ୍ୱତମ ପୁର ପଞ୍ଚାୟତର ରଥ ପୁରୁସ୍ୱତମ ପୁର ଗ୍ରାମ ଠାରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ କେବୁଲ ତାରକୁ ଦୁର୍ବୃତ୍ତ ମାନେ ଚୋରୀ କରି ନେଇଥିବା ନେଇ ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପରୁ ମଧ୍ୟ ପୂର୍ବରୁ ୪ଥର ତାର ଚୋରୀ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି ।

ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

କଟକ, ୧୧।୧୧ (ନି.ପ୍ର): ଶିଖରପୁରସ୍ଥିତ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମା'ଙ୍କ ବାର୍ଷିକ ମହୋତ୍ସବ ଓ ପଂଚଦଶତମ ଅଖଣ୍ଡ ଭଜନ ସମାରୋହ ମହାସମାରୋହରେ ଉଦଯାପିତ ହୋଇଯାଇଛି । ମୁଖ୍ୟ ପୂଜକ ସନାତନ ଦାଶଙ୍କ ଦ୍ୱାରା ପ୍ରତ୍ୟହ ମା'ଙ୍କର ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀ ଯୋଗଦେଇ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ଉତ୍ସବର ପ୍ରଥମ ଦିନ ନଭେମ୍ବର ୮ରେ ଅଖଣ୍ଡ ଭଜନ ସମାରୋହ ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବାବେଳେ ୯ ତାରିଖରେ ଓଡ଼ିଶା



ନୃତ୍ୟ ସମେତ ବିଭିନ୍ନ ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଉଦ୍‌ଯାପନୀ ଦିବସ ତଥା ୧୦ ତାରିଖରେ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ ସହ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ କଟକ ମେୟର ସୁବାସ ସିଂ, ସମାଜସେବୀ ରଞ୍ଜନ ବିଶ୍ୱାଳ, ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାସ ସାହୁ, ସ୍ୱପ୍ନ ଫାଉଣ୍ଡେସନର ସଭାପତି ସୁଧାଂଶୁ ପାତ୍ର, ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ, ସୁଜିତ ସେନାପତି, ବିଜେପି ମହିଳା ଉପସଭାନେତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ, ବିଜେପି ନେତା ପ୍ରଫୁଲ୍ଲ ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନୀଳମାଧବ ଖୁଣ୍ଟିଆ, ଜିତେନ୍ଦ୍ର ସାହୁ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ, ନୂଆବଜାର ପୂଜା କମିଟିର ସଭାପତି ବିଶ୍ୱନାଥ ସାହୁ ଓ ସମ୍ପାଦକ ଉମେଶ ସାହୁ ପ୍ରମୁଖଙ୍କୁ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି, ସଭାପତି ସୁକଦେବ ମହାନ୍ତି, ସମ୍ପାଦକ ସରୋଜ କୁମାର ମହାନ୍ତି, ତଳସାହି ଅଧିକାରୀ ଶରତ ଚନ୍ଦ୍ର ପ୍ରଧାନ ଓ ଉପରସାହି ଅଧିକାରୀ ଗଣେଶ ଚନ୍ଦ୍ର ରାଉତ ପ୍ରମୁଖ ଉତ୍ସବଟିକୁ ପରିଚାଳନା କରିଥିଲେ।

ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ଜେନାଙ୍କୁ ଓଡିଶା ୧୬ ବର୍ଷରୁ କମ କ୍ରିକେଟ ଦଳର ମ୍ୟାନେଜର ଦାୟିତ୍ୱ

ପାରାଦୀପ, ୧୧।୧୧ (ନି.ପ୍ର): ସୂର୍ଯ୍ୟକାନ୍ତ ଜେନା ଦୀର୍ଘ କିଛି ବର୍ଷ ହେବ ଓଡିଶା କ୍ରିକେଟ ଆସୋସିଏସନ ଏବଂ ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡା ସଂସଦ ଅଧୀନରେ ରହି ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିଅମରେ ପିଲାମାନଙ୍କୁ କ୍ରିକେଟ ପ୍ରଶିକ୍ଷଣ ଦେଇଆସୁଛନ୍ତି। ବର୍ତ୍ତମାନ ତାଙ୍କୁ ଓଡିଶା ୧୬ ବର୍ଷରୁ କମ ବାଳକ ବିଭାଗ କ୍ରିକେଟ ଦଳର ର ମ୍ୟାନେଜର ଭାବେ ଦାୟିତ୍ୱ ମିଳିଛି।



ଆନ୍ତରାଜ୍ୟ ୧୬ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେ ଏବେ ଓଡିଶା ଟିମ ସହ କର୍ଣ୍ଣାଟକ ଗସ୍ତ କରିଛନ୍

ଅନୁଗୋଳରେ 'ଲୋକତନ୍ତ୍ର ବଞ୍ଚାଓ - ଅରାଜକତା ହଟାଓ' ପଦଯାତ୍ରା

ଗରିବ ଓ ଜନଜାତିଙ୍କ ନେତୃତ୍ୱକୁ କଂଗ୍ରେସ ସହ୍ୟ କରିପାରୁନାହିଁ : ଧର୍ମେନ୍ଦ୍ର



ଅନୁଗୋଳ,୧୧।୧୧(ନି.ପ୍ର.):- ଗରିବ ଓ ଜନଜାତିଙ୍କ ନେତୃତ୍ୱକୁ କଂଗ୍ରେସ ସହ୍ୟ କରିପାରୁନାହିଁ ବୋଲି ବୁଧବାର ଅନୁଗୋଳ ଠାରେ 'ଲୋକତନ୍ତ୍ର ବଞ୍ଚାଓ - ଅରାଜକତା ହଟାଓ' ପଦଯାତ୍ରାରେ ସାମିଲ ହେବା ସହ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ପଦଯାତ୍ରାରେ ବିରୋଧୀ କଂଗ୍ରେସ ଦଳର ଅରାଜକତା, ଭ୍ରଷ୍ଟାଚାର, ଗଣତନ୍ତ୍ର ବିରୋଧୀ ରୂପ ଏବଂ ଦେଶର ବିକାଶ ବିରୋଧୀ ମାନସିକତା ଉପରେ ସେ କଡ଼ା ପ୍ରହାର କରିଛନ୍ତି । ଦେଶବାସୀ କଂଗ୍ରେସର ଅରାଜକତା ଓ ତୁଷ୍ଟୀକରଣ ରାଜନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ବାରମ୍ବାର ନିର୍ବାଚନରେ ହାରିବା ପରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଆଜି ଗଣତନ୍ତ୍ର, ନିର୍ବାଚନ ଆୟୋଗ ଏବଂ ସମ୍ବିଧାନ ବିରୋଧରେ ଅପପ୍ରଚାର କରୁଛନ୍ତି, ଯାହା ତାଙ୍କ ହତାଶାଭାବର ପ୍ରତିଫଳନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଶାରେ ୧୯୯୮ ମସିହାରୁ ଲଗାତାର ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ କଂଗ୍ରେସକୁ ଲୋକେ ବାରମ୍ବାର ପ୍ରତ୍ୟାଖ୍ୟାନ୍ କରିଆସିଛନ୍ତି। ଓଡ଼ିଶା ସମେତ ଗୁଜରାଟ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ସମେତ ଅନେକ ରାଜ୍ୟରୁ କଂଗ୍ରେସ ଆଜି ସମ୍ପୂର୍ଣ୍ଣ ଚିହ୍ନବର୍ତ୍ତହୀନ ହୋଇପଡ଼ିଛି ।

ଗଣତନ୍ତ୍ରର ବାସ୍ତବ ଶକ୍ତି ଯୋଗୁଁ ଆଜି ଓଡ଼ିଶାର ଜଣେ ଆଦିବାସୀ ଘରର ଝିଅ ମାନ୍ୟବର ଦ୍ରୌପଦୀ ମୁର୍ମୁ ଜୀ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି ଏବଂ ଜଣେ ସାଧାରଣ ଚା'-ବିକାଳିଙ୍କ ପୁଅ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। କିନ୍ତୁ କଂଗ୍ରେସର ଶୀର୍ଷ ନେତୃତ୍ୱ ଓ ଗାନ୍ଧୀ ପରିବାର ଏହି ଗରିବ ଓ ଜନଜାତି ନେତୃତ୍ୱକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ବାରମ୍ବାର ନିର୍ବାଚନରେ ହାରିବା ପରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତାମାନେ ଗଣତନ୍ତ୍ର, ସମ୍ବିଧାନ, ନିର୍ବାଚନ ଆୟୋଗ ଏବଂ ଜନମତ ବିରୋଧରେ ଅପପ୍ରଚାର କରୁଛନ୍ତି।


ଦୀର୍ଘ ଶାସନ କାଳରେ ସେବା ନକରି କେବଳ ନିଜ ପରିବାରର ଜାଗିର ଭାବୁଥିବା ନେତାମାନଙ୍କୁ ଆଜି ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି । ସୋନିଆ ଗାନ୍ଧୀଙ୍କ ବହି ଓ ଅତୀତର ମନ୍ତବ୍ୟକୁ ଉଲ୍ଲେଖ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବାବରୀ ମସଜିଦ୍ ?କୁ ନେଇ କଂଗ୍ରେସର କାନ୍ଦଣା ଓ ବଟଲା ହାଉସ୍ ଏନକାଉଣ୍ଟର ପ୍ରସଙ୍ଗରେ ଆତଙ୍କବାଦୀଙ୍କ ପାଇଁ ସମବେଦନା ସେମାନଙ୍କର ତୁଷ୍ଟୀକରଣ ମାନସିକତାକୁ ପଦାରେ ପକାଇଛି । ଦେଶର ସେନା, ପୋଲିସ ଓ ପାରାମିଲିଟାରୀର ବଳିଦାନ ଏବଂ ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ପ୍ରଶ୍ନ ଉଠାଇବା କଂଗ୍ରେସର ଦେଶବିରୋଧୀ ଚେହେରାକୁ ଦର୍ଶାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ଡବଲ୍ ଇଞ୍ଜିନ୍ ସରକାର' ଓଡ଼ିଶାରେ ବିକାଶର ନୂଆ ଯୁଗ ଆରମ୍ଭ କରିଛି। ରାଜ୍ୟରେ ୫ ଲକ୍ଷରୁ ଅଧିକ ନୂଆ ଭତ୍ତା ବଣ୍ଟନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସଡ଼କ ନିର୍ମାଣ ଓ ଗ୍ରାମୀଣ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

ଏହି ପଦଯାତ୍ରା ଓ ସଭାରେ ଡେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରାଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ ଓ ଶହ ଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ ଏହି ଅରାଜକତା ଓ ହୀନ ମାନସିକତା ବିରୋଧରେ ଗାଁ ଗାଁରେ ଜନଜାଗରଣ ସୃଷ ି କରିବାକୁ ଆହ୍ୱାନ ଦେଇଛନ୍ତି।

କିଟ୍ ଓ କିସ୍ ପରିଦର୍ଶନରେ ଜାପାନର ୩୫ଜଣିଆ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୧ ।୧୧: ଜାପାନ ଟୋଟୋରିରୁ ୩୫ ଜଣିଆ ପ୍ରତିନିଧିମଣ୍ଡଳୀ ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ କିଟ୍ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍ ପରିଦର୍ଶନ କରିବା ସହ ଏଠାକାର କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ଓ ଗବେଷଣା ଉପରେ



ଆଲୋଚନା କରିଥିଲେ। କିସ୍ ଓ କିଟ୍ ପରିଦର୍ଶନ କରିବା ପରେ ସେମାନେ ବେଶ୍ ସନ୍ତୋଷ ବ୍ୟକ୍ତ କରି ଏଭଳି ପ୍ରୟାସ ପାଇଁ ସେମାନେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଜାପାନର ଟୋଟୋରି ବିଶ୍ୱବିଦ୍ୟାଳୟ, ଓନେଷ୍ଟୁକ୍ୱନ, ଟିଓଏ ସଫ୍ଟୱେର ଏବଂ ଆଇଇପିଏମ୍ଏଫ୍ ଓ ଆର ଜିରୋ ମଧ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଜରିଆରେ ଶିକ୍ଷା, ମିଳିତ ଗବେଷଣା ଏବଂ ଶିଳ୍ପ ସହଯୋଗକୁ ଅଧିକ ସୁଦୃଢ଼ କରାଯିବ। ଏହାଦ୍ୱାରା ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ନିଯୁକ୍ତି ଏବଂ ଉତ୍କର୍ଷ ଭାରତ ଓ ଜାପାନ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସାଇବର ସିକ୍ୟୁରିଟି, ରୁଜଚେନ୍, ରୋବୋଟିକ୍ସ ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି।

ଏହି ଅବସରରେ ଜାପାନୀ ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ବୁଝାମଣାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଏଭଳି ସହଯୋଗ ଜରିଆରେ ନୂତନ ପାଠ୍ୟକ୍ରମ ପ୍ରଚଳନ, ଦକ୍ଷତା ବିକାଶ, ଗବେଷଣା, ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଏବଂ ଜ୍ଞାନର ଆଦାନପ୍ରଦାନକୁ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସଂପର୍କରେ ଶିକ୍ଷା ହାସଲ କରିବା ସହ ପ୍ରାୟୋଗିକ ଅନୁଭୂତି ପାଇପାରିବେ। ଏଥିସହ ଜାପାନ ସମେତ ଭାରତ ଓ ବିଦେଶରେ ଉଚ୍ଚଶିକ୍ଷା, ଇଣ୍ଟର୍ନସିପ୍, ଗବେଷଣା ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏଥିସହ କିଟ୍ ସହ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ରାସ୍ତା କଡ଼ ଉଠା ଦୋକାନୀଙ୍କୁ ଚେତାବନୀ

ରାଜଗାଙ୍গପୁର,୧୧।୧୧: ରାଜଗାଙ୍গପୁର ପୌରପରିଷଦ ପକ୍ଷରୁ ସରକାରୀ ଡାକ୍ତରଖାନା ଛକ ରୁ ସୁବାଷ ଛକ ପର୍ଯ୍ୟନ୍ତ ସମସ୍ତ ରାସ୍ତା କଡ଼ ଉଠା ଦୋକାନ କରିଥିବା ଦୋକାନୀ ଙ୍କୁ ରାସ୍ତା ଅବରୋଧ ନ କରିବାକୁ ତଥା ଅନ୍ୟତ୍ର ଚାଲି ଯିବାକୁ ପୌର କର୍ମଚାରୀ ଓ ରାଜଗାଙ୍গପୁର ପୋଲିସ ମିଳିତ ଭାବେ ଚେତାବନୀ ଦେଇଥିଲେ। ସରକାରୀ ଡାକ୍ତରଖାନା ଛକ ଇନ୍ଦିରା ଗାନ୍ଧୀ ଛକ ଓ ସୁବାଷ ଛକ ସହର ର ସବୁ ଜନଗହଳି ପୂର୍ଣ୍ଣ ଅଞ୍ଚଳ ଥିବାରୁ ରୋଗୀମାନଙ୍କ ଗମନାଗମନ ଓ ଆମ୍ବୁଲାନ୍ସ ସେବା ରେ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ପରେ ଉକ୍ତ ପଦକ୍ଷେପ ନିଆଯାଇନଥିବା ପୌରପରିଷଦ ଅଧିକାରୀ ସୂଚନା ଦେଇଥିଲେ। ଉକ୍ତ ରାସ୍ତା ଅବରୋଧ ଯୋଗୁଁ ବିଭିନ୍ନ ସମୟରେ ନାନା ପ୍ରକାର ସମସ୍ୟା ରାସ୍ତା ଜାମ ଓ ଦୁର୍ଘଟଣା ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ପୌରପରିଷଦ ପକ୍ଷରୁ ରାସ୍ତା ଅବରୋଧ ଉଚ୍ଛେଦ ପାଇଁ ବିଭିନ୍ନ ମହଲରେ ସ୍ୱାଗତ ଜଣାଇଥିଲେ।

ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକରେ ୨୨ ପ୍ରସ୍ତାବ ଉପରେ ନିଷ୍ପତ୍ତି

ବ୍ରହ୍ମପୁର,୧୧ ।୧୧(ନି.ପ୍ର.): ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ ଟାରେ ଚଳିତ ଅଧିବେଶନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ମେୟର ଇ ବିବେକ ରେଡ୍ଡୀ, କମିଶନର ଏ ଶଯ୍ୟା ରେଡ୍ଡୀଙ୍କ ସମେତ ସମସ୍ତ କର୍ପୋରେଟର ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସହରର ବିକାଶ, ସ୍ୱାସ୍ଥ୍ୟ, ପରିମଳ, ରାଜସ୍ୱ ଓ କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ମୋଟ ୨୨ ଟି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ତେବେ ବୈଠକର ମଧ୍ୟରେ ମହାନଗର ନିଗମର ୪୩ ନମ୍ବର ୨୭ର କର୍ପୋରେଟର ଶ୍ରୀ ନୀଳକଣ୍ଠ ସାହୁ, ନିଜ ସକ୍ଷମ ଓ ସୁମାନବିକତା ନେଇ ଗତ ବାତ୍ୟା ଓ ବନ୍ୟାରେ ପ୍ରଭାବିତ ହୋଇଥିବା ପୀଡ଼ିତ ପରିବାର ମାନଙ୍କୁ ସହାୟତାର ହାତ ବଢ଼ାଇବା ଉଦ୍ଦେଶ୍ୟରେ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ସେହିପରି ମାନନୀୟ ମେୟର ଶ୍ରୀମତୀ ଦଳାଇ ମଧ୍ୟ ଏହି ସମୟରେ ନିଜକୁ ସାମିଲ କରି ନିଜର ଏକମାସର ଦରମାକୁ ମଧ୍ୟ ଅସହାୟ ଲୋକଙ୍କ ସାହାଯ୍ୟ ପାଇଁ ଦାନ କରିଥିଲେ। ତେବେ ବୈଠକର ଆଲୋଚନା ମଧ୍ୟରୁ ପୂର୍ବ ବୈଠକ ଗୁଡିକର କାର୍ଯ୍ୟବିବରଣୀ ଅନୁମୋଦନ ଯଥା ବୈଠକ ଆରମ୍ଭରେ ଗତ କିଛି ମାସର ବୈଠକ ଗୁଡିକର କାର୍ଯ୍ୟ ବିବରଣୀକୁ ଅନୁମୋଦନ କରାଯାଇଛି । ଏଥିରେ ରାଜସ୍ୱ ଆଦାୟ: ନିଗମର ଆର୍ଥିକ ସ୍ଥିତି ଯଥା ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲ ମାସରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ରାଜସ୍ୱ ଆଦାୟର ବିବରଣୀ ବୈଠକରେ ରଖାଯାଇଛି । ଏପ୍ରିଲ ମାସରେ ନିଗମର ମୋଟ ବକେୟା ୪,୦୪,୧୯,୩୭,୪୭୪ ଟଙ୍କା ଥିବା ବେଳେ ଅଗଷ୍ଟ ଶେଷ ସୁଦ୍ଧା ଏହା ୪,୦୪,୦୩,୭୯,୭୭୭ ଟଙ୍କା ରହିଛି । ସେହିପରି ରାଜସ୍ୱ ଆଦାୟ ବଢାଇବା ପାଇଁ କର୍ପୋରେଟର ମାନେ ମତ ଦେଇଛନ୍ତି । ବକେୟା କର ଆଦାୟ ଉପରେ ଜୋର ନିଗମ ଅଧୀନରେ ଥିବା ବିଭିନ୍ନ କର, ଫିସ୍ ଓ ବକେୟା ଆଦାୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଛି। ସେହିପରି କର୍ମଚାରୀ ମାନଙ୍କ ସମସ୍ୟା ଯଥା ନିଗମର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ



ନିଯୁକ୍ତି, କାର୍ଯ୍ୟକାଳ ଓ ସୁବିଧା ସୁଯୋଗ ନେଇ ଆଲୋଚନା ହେବା ସହ ଟ୍ରେନିଂ ଏକାଡେମୀର ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ନିଗମ ଅଧୀନରେ ଚାଲୁଥିବା ଟ୍ରେନିଂ ଏକାଡେମୀର ସଚିବ ଶ୍ରୀ ସନତ କୁମାର ପାତ୍ରଙ୍କ ନିଯୋଜିତ ଅବଧି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଆସିଥିଲା ।

ତାଙ୍କ ନେତୃତ୍ୱରେ ଏକାଡେମୀର କାର୍ଯ୍ୟ ଭଲ ଭାବେ ଚାଲୁଥିବାରୁ ଏହାକୁ ମଞ୍ଜୁରୀ ମିଳିଛି। ସେହିପରି ବ୍ୟାଟନିଷ୍ଟ କୋର୍ଟରେ କାର୍ଯ୍ୟରତ ୨ ଜଣ କର୍ମଚାରୀଙ୍କୁ ମାସିକ ୧୪,୦୦୦ ଟଙ୍କା ଏକ୍ସଗ୍ରାସିଆ ରେ ଆଉ ୧୧ ମାସ ପାଇଁ ନିଯୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ଏପ୍ରିଲ ୨୦୨୬ ରୁ ଜୁନ୍ ୨୦୨୬ - ୨୧,୯୮,୭୪୮ ଟଙ୍କା ଥିବା ବେଳେ, ଜୁଲାଇ ୨୦୨୬ ରୁ ଅକ୍ଟୋବର ୨୦୨୬ - ୨୭,୯୮,୪୭୦ ଟଙ୍କା । ସେପ୍ଟିକ ଟାଙ୍କି ଗାଡି ପରିଚାଳନା ପାଇଁ ଡଡଝଝଇ ଦ୍ୱାରା ସେପ୍ଟିକ ଟାଙ୍କି ଗାଡି ପରିଚାଳନା ପାଇଁ ମେସର୍ସ ହିମାଳୟ କ୍ଲିନ୍ ଆଣ୍ଡ୍ କେୟାର ସହ ହୋଇଥିବା ଚୁକ୍ତିନାମା ଶେଷ ହୋଇଯାଇଛି। ନୂଆ ଗାଡି ଓ ନୂଆ ବ୍ୟବସ୍ଥା ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ହୋଇଛି, ଯାହା ଦ୍ୱାରା ସହରର ପରିମଳ ବ୍ୟବସ୍ଥା ବାଧାପ୍ରାପ୍ତ ନ ହେବ । ତେବେ ଅନ୍ୟ ଗୁଡିକ ମଧ୍ୟରେ ଅନେକ ଖୁସି ଖବର ମିଳିବା ନେଇ ଚଗଟ ଗଠନ ବିକାଶକୁ ନୂଆ ଗତି ଉପରେ ଆଲୋଚନା ହୋଇଥିଲା। ଯାହାକି ବୈଠକର ଅନ୍ୟ ଏକ ବଡ ନିଷ୍ପତ୍ତି। ନିଗମର ବିଭିନ୍ନ ପ୍ରକଳ୍ପ ଯୋଜନା, ଉଚଜ ପ୍ରସ୍ତୁତି, ଅନୁମାନ, ଟେଣ୍ଡର ଓ କାର୍ଯ୍ୟାନ୍ୱୟନ ପାଇଁ ଗୋଟେ ଚକ୍ରତ୍ୱରଚମତ୍ପ ଗବଭବଶରଜ୍ଞରଭତ୍ପ ଟଭସତ୍ପ (ଚଗଟ) ଗଠନ କରାଯିବ। ଏଥିରେ ରହିବେ ଜରବଜ୍ଞ ଖରବୟରକ୍ଷ, ଚକ୍ରତ୍ୱମଜ୍ଞକ୍ତରଜ୍ଞରଭତ୍ପ ରଜ୍ଞତ୍ତୁରକ୍ଷତ୍ପ, ଉସଜ୍ଞସଷ୍ଟ ରଭଶସଭଭରଚକ୍ଷ, ଇକ୍ଷମଷସ-ତ୍ପରମତ୍ପ / ଟକ୍ଷଭବଭ ଚକ୍ଷବଭଭଭରକ୍ଷ, ରଭଜ୍ଞସକ୍ଷତ୍ତୁଭ-ଜ୍ଞରଭତ୍ପ ରଜ୍ଞତ୍ତୁରକ୍ଷତ୍ପ, ଖରଶବକ୍ଷ ରଜ୍ଞତ୍ତୁରକ୍ଷତ୍ପ, ଓଞ ରଜ୍ଞତ୍ତୁରକ୍ଷତ୍ପ, ଚଜ ଝ ୫ତ୍ତୁମସବକ୍ଷ ଗରୟସବ ରଜ୍ଞତ୍ତୁରକ୍ଷତ୍ପ। ଏହା ଦ୍ୱାର ନିଗମର କାମ ଆହୁରି ଦ୍ରୁତ ଓ ସ୍ୱଚ୍ଛ ହେବ। ପରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ଦିନମଜୁରିଆଙ୍କ ମଜୁରୀ ବୃଦ୍ଧି, ସବୁଠୁ ବଡ ଖୁସି ଖବର କାରଣ, ଓଡିଶା ସରକାରଙ୍କ ଶ୍ରମ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ନିଗମର ଦିନ ମଜୁରିଆ ମାନଙ୍କୁ ମଜୁରୀ ପିଛା ୧୦ ଟଙ୍କା ଠଉଇ ଦିଆଯିବ। ଏହା ୦୧/୦୪/୨୦୨୬ ଠାରୁ ଲାଗୁ ହେବ, ଅଣ-କୁଶଳୀ: ୪୬୨ ରୁ ୪୭୨ ଟଙ୍କା, ଅର୍ଦ୍ଧ-କୁଶଳୀ: ୫୧୨ ରୁ ୫୨୨ ଟଙ୍କା, କୁଶଳୀ: ୫୬୨ ରୁ ୫୭୨ ଟଙ୍କା, ଅତି କୁଶଳୀ: ୬୧୨ ରୁ ୬୨୨ ଟଙ୍କା ରହିଥିବା ବେଳେ, ଦୈନିକ ମଜୁରିଆଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ନଥପତ୍ତର ୭ ଜଣ ଦୈନିକ ମଜୁରିଆ ଓ ଆଂଶିକ ଜଳଯୋଗ / ସ୍ୱାସ୍ଥ୍ୟର ୨ଜଣ ଦୈନିକ ମଜୁରିଆଙ୍କ କାର୍ଯ୍ୟକାଳ ୪୪ ଦିନ ଲେଖାଏଁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ଏମାନେ ନଭେମ୍ବର ୨୦୨୬ ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ କାମ କରିବେ ବୋଲି ଜଣାପଡିଛି। ସେହିପରି ଛୁଟି ତାଲିକା ମଞ୍ଜୁରୀ ପାଇଁ ନିଗମ କର୍ମଚାରୀଙ୍କ ପାଇଁ ୨୦୨୬ ବର୍ଷ ପାଇଁ ୩ଟି କାଜୁଆଲ୍ ଛୁଟି ଯଥା ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ ଓ ୪ଟି ପର୍ବ ପର୍ବାଣୀ ଛୁଟି ଯଥା ଦୋଳପୂର୍ଣ୍ଣିମା, ରଥ ସଂକ୍ରାନ୍ତି, ମହାଅଷ୍ଟମୀ, ମହାନବମୀ ପାଇ ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ୨୦୨୫-୨୬ ପାଇଁ ୫.୦୦ କୋଟି ଟଙ୍କା ଅନୁମୋଦନ ହୋଇଛି। ବୃହତ୍ ପ୍ରକଳ୍ପ ପାଇଁ ଇରଡଇ ଦ୍ୱାରା ତାଲିକାଭୁକ୍ତ ଉଚଜ ପ୍ରସ୍ତୁତ କାରୀଙ୍କ ସେବା ନିଆଯିବ। ଏହା ସହରର ରାସ୍ତା, ଡ୍ରେନ୍, ପାର୍କ ଓ ଭିତ୍ତିଭୂମି କାମରେ ଲାଗିବ। ବୈଠକର ସବୁଠୁ ସମ୍ବେଦନଶୀଳ ବିଷୟ ଥିଲା ଯେ, ବ୍ରହ୍ମପୁରରେ ଅନେକ କ୍ୟାନ୍ସର ରୋଗୀ ଚିକିତ୍ସା ପାଇଁ ଭୁବନେଶ୍ୱର, କଟକ ବିଶ୍ୱବିଦ୍ୟାଳୟକୁ ଯାଉଛନ୍ତି। ସେମାନଙ୍କ ପାଇଁ ବ୍ରହ୍ମପୁରରେ ଏକ ସୂଚନା କେନ୍ଦ୍ର ଏବଂ କେମୋଥେରାପି ଡେ-କେୟାର ସେଣ୍ଟର ପ୍ରତିଷ୍ଠା କରିବା ପ୍ରସ୍ତାବ ଦିଆଯାଇଛି। ଯାହା ୧୪୦୦ ରୁ ୨୦୦୦ ବର୍ଗଫୁଟ ଜାଗା ଆବଶ୍ୟକ ସହ ଆୟୁଷ୍ମାନ କାର୍ଡ ଦ୍ୱାରା ନଗଦ ବିହୀନ ଚିକିତ୍ସା, ରୋଗୀ ନିଜ ଘର ପାଖରେ ଚିକିତ୍ସା ପାଇ ପାରିବେ, ଶାରୀରିକ ଓ ମାନସିକ କଷ୍ଟ କମିବ ବୋଲି କୁହାଯାଇଛି। ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶ ଅନୁସାରେ ନିଗମରେ କାର୍ଯ୍ୟରତ ୨ଜଣ ପରିକ୍ଷଦ କର୍ମଚାରୀଙ୍କ ମାସିକ ଦରମା ୧୪,୦୦୦ ରୁ ୨୪,୦୦୦ ଟଙ୍କାକୁ ବୃଦ୍ଧି କରିବା ପ୍ରସ୍ତାବ। ଏହା ୧୨/୦୯/୨୦୨୬ ଠାରୁ ପିଛିଲା ଭାବେ ଲାଗୁହେବ। ଏମାନଙ୍କ ଅବଦାନ ବୃଦ୍ଧି ପାଇଲେ ନିଯୁକ୍ତି ନବୀକରଣ ହେବ ବୋଲି ଆଜିର ବୈଠକରେ ପ୍ରମୁଖ ଆଲୋଚନା ମାନ ହୋଇଥିଲା । ସେହିପରି ଅନ୍ୟାନ୍ୟ ବିଷୟ ବସ୍ତୁ ଯଥା ମାନନୀୟ ମେୟରଙ୍କ ପରାମର୍ଶ କ୍ରମେ ଅନ୍ୟାନ୍ୟ ଜନହିତକର ବିଷୟ ଉପରେ ଆଲୋଚନା କରାଯାଇଛି । କର୍ପୋରେଟର ମାନେ ନିଜ ନିଜ ୱାର୍ଡର ସମସ୍ୟା ରାସ୍ତା, ଆଲୋକ, ପାନୀୟ ଜଳ, ଡ୍ରେନ୍ ନେଇ ମତ ରଖିଛନ୍ତି। ବୈଠକ ଶେଷରେ କମିଶନର ଧନ୍ୟବାଦ ଅର୍ପଣ କରି ସମସ୍ତେ ଗୋଟେ କଥାରେ ଏକମତ ହେଲେ ଯେ, ବ୍ରହ୍ମପୁରକୁ ସ୍ୱଚ୍ଛ, ସୁନ୍ଦର, ସୁସ୍ଥ ଓ ବିକଶିତ ସହର କରିବା ହିଁ ଲକ୍ଷ୍ୟ ବୋଲି କହିଥିଲେ।

AFFIDAVIT

By this affidavit, I, GUNANIDHI SABAR, son of Trilochan Sabar, resident of At-Belpada, PO/PS-Belpada, District-Balangir, Odisha, do hereby solemnly affirm that I am the father of minor daughter, formerly known as SWAPNA SABAR. On her behalf, I have changed her name to LILIMA SABAR. Henceforth, she shall be known by this name in all records, including Aadhaar. This change is genuine and not for any fraudulent purpose. I declare these statements true and correct to the best of my knowledge and belief.

Deponent

AFFIDAVIT

By this affidavit I, JAYAKRUSHNA SAMARATH, son of Aniruddha Sam